## ସଂକ୍ଷେପରେ

### ବିଷାକ୍ତ ଛତୁ ଖାଇ ୩ ଗୁରୁତର

ମୋହନା,୨୯।୬(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକର ଲାଡ୍ଡୁମ ଗାଁରେ ବିଷାକ୍ତ ଛତୁ ଖାଇ ଶନିବାର ୩ ଗୁରୁତର ହୋଇଛନ୍ତି। ଟବଟିଆ ମଣ୍ଡଳ, ଗେରେଗେଣ୍ଟି ମଣ୍ଡଳ ଓ ପଞ୍ଚମୀ ମଣ୍ଡଳ ସକାଳେ ବଣରୁ ଛତୁ ଆଣି ରୋଷେଇ କରି ପରିବାର ସହ ଖାଇଥିଲେ। ଖାଇବାର କିଛି ସମୟ ପରେ ଗୋଟିଏ ପରିବାରର ୩ ଜଣ ଗୁରୁତର ହୋଇପଡ଼ିଥିଲେ। କିଛି ସମୟ ପରେ ଗ୍ରାମବାସୀଙ୍କ ସହଯୋଗରେ ଅଟୋ ଦ୍ୱାରା ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୁରୁତରଙ୍କୁ ଅଣାଯାଇଥିଲା। ଚିକିତ୍ସା ପରେ ସମସ୍ତେ ସୁସ୍ଥ ଥିବା ଡାକ୍ତର ଅମୃତ ରାଜ ଜେନା କହିଛନ୍ତି।

### ଚଳନ୍ତା ସ୍କୁଟିରେ ନିଆଁ

ପୋଲସରା, ୨୯।୬ (ସୁବ୍ରତ ବେହେରା): ଚଳନ୍ତା ସ୍କୁଟିରେ ଲାଗିଲା ନିଆଁ। ସ୍କୁଟି ଜଳି ପୋଡ଼ି ପାଉଁଶ। ଅଳ୍ପକେ ବର୍ତ୍ତିଲେ ଦୁଇଜଣ ବ୍ୟକ୍ତି। ଏଭଳି ଘଟଣା ଘଟିଛି ଗଞ୍ଜାମ ଜିଲା ପୋଲସରା ଥାନା ଅଧିନସ୍ଥ ପୋଲସରା ଓ ବୁଗୁଡ଼ା ମୁଖ୍ୟ ରାସ୍ତାରେ। ଶନିବାର ଦିନ ପ୍ରାୟ ୧୨ଟା ବେଳେ ମାଳଡେଙ୍ଗୁଳିଆ ଗ୍ରାମର ସୁଜିତ ସାହୁ ଓ ତାଙ୍କର ଜଣେ ସମ୍ପର୍କୀୟ ବୁଗୁଡାକୁ ସ୍କୁଟି ସାହାଯ୍ୟରେ ବିହନ ଧାନ କିଣିବା ପାଇଁ ଯାଇ ଫେରୁଥିଲେ। ହଠାତ ରାସ୍ତାରେ ଚଳନ୍ତା ଅବସ୍ଥାରେ ନିଆଁ ବାହାରିଥିଲା। ଗାଡିକୁ ଆୟତ କରିବା ଭିତରେ ନିଆଁ ସ୍କୁଟିର ବିଭିନ୍ନ ଆଡେ ଖେଳିଯାଇଥିଲା। ସୁଜିତ ଏବଂ ସ୍ଥାନୀୟ ଲୋକେ ନିଆଁକୁ ଆୟତ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ନିଆଁକୁ ଆୟତ କରିପାରି ନ ଥିଲେ। ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ସ୍କୁଟିଟି ସମ୍ପୂର୍ଣ୍ଣ ଜଳିପୋଡି ପାଉଁଶ ହୋଇଯାଇଥିଲା।

### ପଞ୍ଚାୟତ ମାସିକ ବୈଠକ

ପୋଲସରା,୨୯।୬(ସୁବ୍ରତ ବେହେରା): ପୋଲସରା ବ୍ଲକ ଅନ୍ତର୍ଗତ ଖଣ୍ଡୁରୁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଶନିବାର ପଞ୍ଚାୟତର ମାସିକ ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅରୁଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ସରପଞ୍ଚ ସରିତା ପଣ୍ଡା ଯୋଗ ଦେଇଥିବା ବେଳେ କିଛି ୱାର୍ଡ଼ ମେମ୍ବର, ନାଏବ ସରପଞ୍ଚ, ଅଙ୍ଗନବାଡ଼ି କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ସମୟରେ ଗ୍ରାମର ଗାଁ କଲ୍ୟାଣ ଯୁବକ ସଂଘର ଯୁବକ ମାନେ ଉକ୍ତ ବୈଠକରେ ଯୋଗଦେଇ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ। ଯାହାକୁ ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉକ୍ତ ସମସ୍ୟା ଉପରେ ଆଲୋଚନା କରି ତୁରନ୍ତ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମର ଗାଁ କଲ୍ୟାଣ ଯୁବକ ସଂଘର ଶମ୍ଭୁ ପ୍ରଧାନ, ଦିପୁ ପ୍ରଧାନ, ମିଥୁନ ସାହୁ, ପବିତ୍ର ସାହୁ, ରବୀନ୍ଦ୍ର ସାହୁ, ପ୍ରବୀଣ ସାହୁ, ସାଗର ପ୍ରଧାନ, ହରିହର ସାହୁ, ଦଣ୍ଡପାଣି ସାହୁ, ରଞ୍ଜନ ସାହୁ, ପ୍ରସାନ୍ତ ପ୍ରଧାନ, ରାଜେଶ ସାହୁ ସମେତ ଅନ୍ୟ ଯୁବକମାନେ ଅଂଶଗ୍ରହଣ କରିଥିଲେ।

### ୧୨ କେଜି ଗଞ୍ଜେଇ ଜବତ, ୩ ଗିରଫ

ଦାରିଙ୍ଗବାଡ଼ି,୨୯।୬(ଅରୁଣ ସାହୁ)

ଦାରିଙ୍ଗବାଡ଼ି ପୋଲିସ ଶନିବାର ୧୨ କେଜି ଗଞ୍ଜେଇ ଜବତ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଜଗନ୍ନାଥପ୍ରସାଦ ଅଞ୍ଚଳ ଧୋଡାପଲି ଗ୍ରାମର ରୁଦ୍ର ନାରାୟଣ ନାୟକ, ଜଗନ୍ନାଥପ୍ରସାଦ ବଡ଼ଦାଣ୍ଡ ସାହିର ଅଜୟ କୁମାର ଭୂୟାଁ, ହରିକୃଷ୍ଣ ସାହୁ। ଏକ ଜିପରେ ବାଲିଗୁଡାରୁ ଦାରିଙ୍ଗବାଡି ଦେଇ ଗଞ୍ଜେଇ ଚୋରାଚାଲାଣ ହେଉଥିବା ବେଳେ ପୋଲିସ ହିଲଭିୟୁ ଛକଠାରେ ଗାଡିକୁ ଜବତ କରିଥିଲା।

# ପ୍ରମାଣପତ୍ରରେ ଜନ୍ମ ତାରିଖ ଭୁଲ୍, ପଢ଼ାରୁ ଆଶା ବଞ୍ଚିତ

ଦାରିଙ୍ଗବାଡ଼ି,୨୯।୬ (ଅରୁଣ ସାହୁ)

**ଫେରାଇଦେଲେ ବିଦ୍ୟାଳୟ କର୍ତ୍ତୃପକ୍ଷ**


ମା'ଙ୍କ ସହ ଆଶା ବିଦ୍ୟାଳୟରୁ ନିରାଶ ହୋଇ ଫେରୁଛନ୍ତି।

ସମସ୍ତେ ପଢ଼ିବେ ସମସ୍ତେ ବଢ଼ିବେ, ବିଦ୍ୟାଳୟ ଶିଖାଇଥିଲା 'ଅ' ଏବେ ଡାକୁଛି 'ଆ' ଏମିତି ଅନେକ ଉକ୍ତି ନେଇ ସରକାର ପ୍ରଚାର ପ୍ରସାର କରିବା ସହ ଛାତ୍ରୀଛାତ୍ର କିଭଳି ବିଦ୍ୟାଳୟକୁ ଆସିବାକୁ ଆଗ୍ରହ ପ୍ରକାଶ କରିବେ ସେଥିପାଇଁ ପ୍ରୟାସ କରୁଛନ୍ତି। ମାଗଣା ଶିକ୍ଷା ବ୍ୟବସ୍ଥା କରୁଛନ୍ତି, ହେଲେ ପ୍ରମାଣ ପତ୍ରରେ ଜନ୍ମ ତାରିଖ ଭୁଲ୍ ଥିବାରୁ ପାଠପଢ଼ାରୁ ଜଣେ ଛାତ୍ରୀଙ୍କୁ ବଞ୍ଚିତ କରାଯାଇଛି। ଏହା ଦେଖିବାକୁ ମିଳୁଛି କନ୍ଧମାଳ ଜିଲା ସିମନବାଡି ସରକାରୀ ଉଚ୍ଚ ବିଦ୍ୟାଳୟରେ।

ଦାରିଙ୍ଗବାଡ଼ି ବ୍ଲକ ସିମନବାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଶା ଅଷ୍ଟମ ଶ୍ରେଣୀ ପାସ୍ ହେଲା ପରେ ସିମନବାଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ନବମରେ ନାମ ଲେଖାଇବାକୁ ତାଙ୍କ ମା'ଙ୍କ ସହ ଯାଇଥିଲେ। କିନ୍ତୁ ତାଙ୍କ ଆଧାର କାର୍ଡରେ ଜନ୍ମ ତାରିଖ ତ୍ରୁଟି ରହିଥିବା ଅର୍ଥାତ୍ ୨୦୧୧ ଜୁଲାଇ ୧୮ ରହିଥିବା ବେଳେ ବିଦ୍ୟାଳୟ ସାର୍ଟିଫିକେଟରେ ୨୦୧୧ ଜୁଲାଇ ୮ ତାରିଖ ରହିଛି। ତେଣୁ ପ୍ରଧାନଶିକ୍ଷକ ଏହାକୁ ସଂଶୋଧନ କରି ଆଣିବା ସହ ଜାତିଗତ, ଇନ୍‌କମ ଓ ରେସିଡେନ୍ସ ଓ ବାର୍ଥ ସାର୍ଟିଫିକେଟ ଆଣିଲେ ନାମ ଲେଖାଯାଇପାରିବ ବୋଲି କହି ଫେରାଇ ଦେଇଥିଲେ। ଛାତ୍ରୀଙ୍କ ମା' ଶାନ୍ତି ଦିଗାଲ ପରେ ସବୁ ଦେଇଦେବି ବୋଲି ପ୍ରଧାନ ଶିକ୍ଷକଙ୍କୁ ନିବେଦନ କରିଥିଲେ ସୁଦ୍ଧା ସେ ଏଥିରେ ରାଜି ନ ହୋଇ ସେମାନଙ୍କୁ ଫେରାଇ ଦେଇଥିଲେ। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗତବର୍ଷ ଏକ ଚିଠିରେ ଉଲ୍ଲେଖ କରିଥିଲେ ଯେ, ନାମଲେଖା ସମୟରେ ଆଧାର ଜରୁରୀ ନାହିଁ। ତେଣୁ କୌଣସି ଛାତ୍ରୀଛାତ୍ର ଏଥିପାଇଁ ନାମଲେଖାରୁ ବଞ୍ଚିତ ହେବେନି, ତଥାପି ଛାତ୍ରୀଛାତ୍ରମାନେ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ଆଶା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ତାଙ୍କ ସାଙ୍ଗସାଥୀ ସମସ୍ତେ ବିଦ୍ୟାଳୟକୁ ନିୟମିତ ଯାଉଥିବା ବେଳେ ସେ ଏବେ ଘରେ ବେକାର ବସିଛନ୍ତି। ତେଣୁ ସେ ଜିଲାପାଳଙ୍କୁ ତାଙ୍କୁ କିଭଳି ନାମ ଲେଖେଇବାର ବ୍ୟବସ୍ଥା କଲେ ସେ ଭଲ ପାଠ ପଢିବେ ବୋଲି ନିବେଦନ କରିଛନ୍ତି। ଏନେଇ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିଶିର ପଟ୍ଟନାୟକଙ୍କୁ ପଚାରିବାରୁ ସେ ଆଶାଙ୍କ ନାମ ଲେଖାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କେବଳ ଆଶା ନୁହନ୍ତି, ଏଭଳି ଏକାଧିକ ଛାତ୍ରୀଛାତ୍ର ଉକ୍ତ ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇବାକୁ ଯାଇ ବିଭିନ୍ନ ପ୍ରମାଣପତ୍ର ପାଇଁ ନାମ ଲେଖାଇବା ନିମିତ୍ତ ହଇରାଣ ହେଉଥିବା ଅଭିଯୋଗ ହୋଇଛି।

# ଭଞ୍ଜନଗର କୋର୍ଟରେ ସରକାରୀ ଓକିଲ ନିଯୁକ୍ତି

ଭଞ୍ଜନଗର,୨୯।୬(ବାବୁଲା ପ୍ରଧାନ):

ଭଞ୍ଜନଗର କୋର୍ଟର ନୂତନ ସରକାରୀ ଓକିଲ ନିଯୁକ୍ତି ବୁଧବାର ହୋଇଛି। ଗଞ୍ଜାମ ଜିଲାପାଳ ଏନେଇ ଚିଠି ମାଧ୍ୟମରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଦେଇଛନ୍ତି। ଡ.ସୁଶାନ୍ତ କୁମାର ତ୍ରିପାଠୀ ଏଡ଼ିଜେ କୋର୍ଟର ସ୍ୱତନ୍ତ୍ର ପିପି ଓ ଉଷାକାନ୍ତ ପଟ୍ଟନାୟକ ଆଡ଼ିସିନାଲ ପିପି ଭାବେ ନିଯୁକ୍ତ ହୋଇଛନ୍ତି। ଦିବାକର ନାୟକ ଆସିଷ୍ଟାଣ୍ଟ ସେସନ୍ସ ଜଜ୍ କୋର୍ଟର ଆଡ଼ିସିନାଲ ପିପି, ସୂର୍ଯ୍ୟ ନାରାୟଣ ନାୟକ ଭଞ୍ଜନଗର ତହସିଲ କୋର୍ଟର ଆସିଷ୍ଟାଣ୍ଟ ପିପି, ପାର୍ଥ ସାରଥୀ ଗୌଡ଼ ଆସିଷ୍ଟାଣ୍ଟ ପିପି ଭାବେ ଜେଏମ୍‌ଏଫସି କୋର୍ଟର ଜିଆର କେସ୍ ପରିଚାଳନା କରିବେ। ପିତବାସ ବିଷୋୟୀ ଆସିଷ୍ଟାଣ୍ଟ ପିପି ଭାବେ ଜେଏମ୍‌ଏଫସି କୋର୍ଟର ଅବକାରୀ ମାମଲା ପରିଚାଳନା କରିବେ। ଅଶୋକ କୁମାର ଜେନା ଆସିଷ୍ଟାଣ୍ଟ ପିପି ଭାବେ ଜେଏମ୍‌ଏଫସି କୋର୍ଟର ୨(ବି)ସିସି ମାମଲା ପରିଚାଳନା କରିବେ। ଅଶୋକ କୁମାର ଗୌଡ଼ ଉପ ଜିଲାପାଳ କୋର୍ଟରେ ଆସିଷ୍ଟାଣ୍ଟ ପିପି ଭାବେ କାର୍ଯ୍ୟ କରିବେ। ରଞ୍ଜିତ ମିଶ୍ର ଆସିଷ୍ଟାଣ୍ଟ ପିପି ଭାବେ ଏସ୍‌ଡ଼ିଜେଏମ୍ କୋର୍ଟରେ ଅଣ ଜିଆର କେସ୍ ପରିଚାଳନା କରିବେ। ପ୍ରିୟ ରଞ୍ଜନ ପ୍ରଧାନ ଆସିଷ୍ଟାଣ୍ଟ ପିପି ଭାବେ ଜଗନ୍ନାଥପ୍ରସାଦ ଜେଏମ୍‌ଏଫ୍‌ସି କୋର୍ଟରେ କାର୍ଯ୍ୟ କରିବେ। ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଅତିରିକ୍ତ ସରକାରୀ ପ୍ଲିଡ଼ର ଭାବେ ଭଞ୍ଜନଗର ସିନିୟର ସିଭିଲ୍ ଜଜ୍ କୋର୍ଟ ଏବଂ ଏଡ଼ିଜେ କୋର୍ଟରେ କାର୍ଯ୍ୟ କରିବେ। ରଞ୍ଜିତ କୁମାର ତ୍ରିପାଠୀ ଆସୋସିଏଟ ଲୟର ଭାବେ ଜୁନିୟର ସିଭିଲ୍ ଜଜ୍ ଏବଂ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବେ। ରଞ୍ଜିତ ମିଶ୍ର, ପିତବାସ ବିଷୋୟୀ ଏବଂ ଆଶୋକ ଜେନା ନୂଆ କରି ସରକାରୀ ଓକିଲ ଭାବେ ନିଯୁକ୍ତ ହୋଇଥିବା ବେଳେ ଅନ୍ୟ ଆଇନଜିବୀମାନେ ପୂର୍ବରୁ ଏହି କୋର୍ଟରେ ସରକାରୀ ଓକିଲ ନିଯୁକ୍ତ ଥିବା ଯୋଗୁ ସେମାନଙ୍କର କେବଳ ନବୀକରଣ ହୋଇଥିଲା।

# ଚିନିଶିଳ୍ପ ପରିଚାଳନା ପରିଷଦ ବୈଠକ


ଚିନିଶିଳ୍ପ ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଆସିକା ୨୯।୬ (ସୁରେନ୍ଦ୍ର ନାଥ ସାହୁ): ଆସିକା ସମବାୟ ଚିନିଶିଳ୍ପ ପରିଚାଳନା ପରିଷଦ ବୈଠକ ଶନିବାର ଚିନିଶିଳ୍ପ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା। ପରିଚାଳନା ପରିଷଦର ସଭାପତି ରବିନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚିନିଶିଳ୍ପର ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ତଥା ଗଞ୍ଜାମ ଜିଲା ଅତିରିକ୍ତ ଜିଲାପାଳ ପ୍ରମୋଦ କୁମାର ପୃଷ୍ଟି ଯୋଗଦେଇଥିଲେ। ଚିନିଶିଳ୍ପ ସଂପାଦକ ଚନ୍ଦ୍ରଶେଖର ରେଡ଼ି, ପରିଚାଳନା ପରିଷଦର ଉପାଧ୍ୟକ୍ଷା ସ୍ନେହଲତା ଚଣ୍ଡ, ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ବରାଡ, ସନ୍ତୋଷ ପ୍ରଧାନ, ବସନ୍ତ କୁମାର ଦଳାଇ, ନିରଞ୍ଜନ ପ୍ରଧାନ, ସରୋଜିନୀ ଲେଙ୍କା, ଅରାଲୁ ରେଡ଼ି, ଧର୍ମୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ପୂର୍ବ ବୈଠକର ବିବରଣୀ ପଠନ କରାଯାଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ଆଖୁ ଚାଷର ଅଗ୍ରଗତି ଲାଗି ସୁଗାର କେନ ଟେକ୍ନୋଲୋଜି ମିଶନ ପକ୍ଷରୁ ପ୍ରଦତ୍ତ ୨ କୋଟି ୬୫ ଲକ୍ଷ ୧୨ ହଜାର ୬୦୦ ଟଙ୍କାରୁ ଅଦ୍ୟାବଧି ବିପୁଳ ଅର୍ଥ ଚାଷୀଙ୍କୁ ବଣ୍ଟନ କରାଯାଇପାରିନଥିବା ନେଇ ଉଦବେଗ ପ୍ରକାଶ କରାଯାଇଥିଲା। କୃଷି ବିଭାଗ ସହ ଯୋଗାଯୋଗ ପୂର୍ବକ ଏହା ତୁରନ୍ତ ଆଖୁଚାଷୀଙ୍କୁ ତୁରନ୍ତ ବଣ୍ଟନ ପୂର୍ବକ ବୈଜ୍ଞାନିକ ପଦ୍ଧତିରେ ଆଖୁଚାଷର ଅଗ୍ରଗତି ଲାଗି ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହାଛଡା ଦୀର୍ଘଦିନ ଧରି ବନ୍ଦ ହୋଇ ରହିଥିବା ଡିଷ୍ଟିଲାରି (ସୁରଶିଳ୍ପ)କୁ ଅଗଷ୍ଟ ମାସ ସୁଦ୍ଧା କାର୍ଯ୍ୟକ୍ଷମ କରିବା ନିମନ୍ତେ ଆଲୋଚନା ହୋଇଥିଲା। କାରଖାନା ସମ୍ମୁଖରେ ଥିବା ବଜାର ଗୃହ ଭଙ୍ଗାରୁଜା ଅବସ୍ଥାକୁ ଆସିଯାଇଥିବାରୁ ଏହାକୁ ଭାଙ୍ଗି ନୂତନ ବଜାର ଗୃହ ନିର୍ମାଣ ଲାଗି ପ୍ରସ୍ତାବ ଗୃହିତ ହୋଇଥିଲା। ଏହାଛଡା କାରଖାନା ପରିସରରେ ଥିବା ଜଗନ୍ନାଥ ମନ୍ଦିରର ରଥାଯାତ୍ରାକୁ ସୁଚାରୁ ରୂପେ ପରିଚାଳନା ସହ ମନ୍ଦିର ପକ୍ଷରୁ ଦୈନିକ ଅବଢା ଭୋଗ ପ୍ରସ୍ତୁତି ଓ ଯୋଗାଣ ସମ୍ପର୍କରେ ମଧ୍ୟ ଆଲୋଚିତ ହୋଇଥିବା ଜଣାପଡିଛି। ବୈଠକରେ ଆଖୁ ଫସଲକୁ କୃଷି ବୀମାଭୁକ୍ତ କରିବା ଲାଗି ଜାତୀୟ ଚିନିକଳ ମହାସଂଘର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ପରିଚାଳନା ପରିଷଦ ବୈଠକରେ ଯୋଗଦେଇ ଚିନିଶିଳ୍ପ ସଭାପତି ପଣ୍ଡା ଏହି ପ୍ରସ୍ତାବକୁ ଉପସ୍ଥାପନ କରିଥିବା ସମ୍ପର୍କରେ ସୂଚନା ଦେଇଛନ୍ତି।

# କେ. ଏମ୍. ଭାଲିଆସାହିରେ ସାହିତ୍ୟ ସୃଜନୀ

ଆର.ଉଦୟଗିରି,୨୯।୬ (ମନୋଜ କୁମାର ପାଢୀ): ଆର. ଉଦୟଗିରି ବ୍ଲକ ଅନ୍ତର୍ଗତ କେ. ଏମ. ଭାଲିଆସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ତିନି ଦିନ ବ୍ୟାପି ବ୍ଲକସ୍ତରୀୟ ସାହିତ୍ୟ ସୃଜନୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷାର ଉନ୍ନତି ତଥା ବିକାଶକୁ ଲକ୍ଷ୍ୟରେ ରଖି ଓଡିଶା ସରକାର ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମ ଆପଣେଇଛନ୍ତି। ମାତୃଭାଷାର ବିକାଶ ହେଲେ ଦେଶ ଓ ଜାତିର ଉନ୍ନତି ହେବା ସଙ୍ଗେ ସଙ୍ଗେ ଛାତ୍ରୀଛାତ୍ରମାନଙ୍କର ବୌଦ୍ଧିକ ଶକ୍ତିର ବିକାଶ ଘଟିବ। ଏହି ଅବସରରେ ନୂଆଗଡ ବ୍ଲକ ଏବଂ ଆର.ଉଦୟଗିରି ବ୍ଲକରୁ ୩୫ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରିଥିଲେ। ଉକ୍ତ ପ୍ରଶିକ୍ଷଣ ଶିବିରକୁ ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦଳବେହେରା ଉଦଘାଟନ କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ଭାବେ ଆର.ଉଦୟଗିରି ଉଚ୍ଚ ବିଦ୍ୟାଳୟର ଓଡିଆ ଶିକ୍ଷକ ଆଶିଷ କୁମାର ରାଇକା ଏବଂ କେରେଡାଙ୍ଗ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଆଶିଷ କୁମାର ମହାପାତ୍ର ଯୋଗଦେଇଥିଲେ। ସଂସ୍କୃତ ଶିକ୍ଷକ ପ୍ରହ୍ଲାଦ ଶିଅଳ ମଞ୍ଚ ପରିଚାଳନା କରିଥିଲେ।

# ବିଧାୟକଙ୍କୁ ରାମଗିରିରେ ସମ୍ବର୍ଦ୍ଧନା



ଶୋଭାଯାତ୍ରାରେ ମୋହନା ବିଧାୟକ।

ରାମଗିରି,୨୯।୬(ବୃନ୍ଦାବନ ଗୌଡ଼): ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କୁ ରାମଗିରିରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶନିବାର ସନ୍ଧ୍ୟା ୬ଟାରେ ରାମଗିରି ଗ୍ରାମପଞ୍ଚାୟତର ହାଟପଦାଠାରେ ବିଧାୟକ ଗମାଙ୍ଗ ପହଞ୍ଚିବା ପରେ କଂଗ୍ରେସର ବହୁ ନେତା ଓ କର୍ମୀ ତାଙ୍କୁ ସ୍ୱାଗତ ଜଣାଇଥିଲେ।

# ବୃଦ୍ଧାଶ୍ରମରେ ଜନ୍ମଦିନ ପାଳିଲେ ଯବାନ


ଅନିଲ ଖାଦ୍ୟ ପରଷୁଛନ୍ତି।

ଫୁଲବାଣୀ,୨୯।୬(ରାକେଶ କୁମାର ରାଉତ) ନିଆରା ଢଙ୍ଗରେ ଜନ୍ମଦିନ ପାଳନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଏସ୍‌ଓଜିଯବାନ ଅନିଲ ପଧାନ। ଅନିଲ ନିଜର ୩୨ତମ ଜନ୍ମଦିନ ଫୁଲବାଣୀର ସାର୍ତଗୁଡାସ୍ଥିତ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କ ସହ ଆନନ୍ଦ ଉଲ୍ଲାସରେ ପାଳନ କରିଛନ୍ତି। ସେଠାରେ ରହୁଥିବା ଅନ୍ତେବାସୀଙ୍କୁ ନିରାମିଷ ଭୋଜନ ଏବଂ ଛୋଟ ପିଲାମାନଙ୍କୁ ପେନ୍, ପେନସିଲ, ଖାତା, ଚକୋଲେଟ, ବିସ୍କୁଟ ଆଦି ବାଣ୍ଟିଛନ୍ତି। ବିଭିନ୍ନ ସମୟରେ ଅସହାୟଙ୍କୁ ସାହାଯ୍ୟ କରିବା, ନିଜର ଉତ୍ସର୍ଗୀକୃତ ଓ ନିଃସ୍ୱାର୍ଥପର ସେବା ମନୋଭାବ, ପରୋପକାର ଚିନ୍ତାଧାରା ପାଇଁ ସେ ସମସ୍ତଙ୍କ ପାଖରେ ଆଦରଣୀୟ ହୋଇଛନ୍ତି। ଜନ୍ମ ଦିନରେ ଏପରି କରିବାରେ ଖୁସି ମିଳିଥାଏ ବୋଲି ସେ କହିଛନ୍ତି। ଏହି କର୍ଯ୍ୟକ୍ରମରେ ଏସଓଜି କମାଣ୍ଡାଣ୍ଟ ଆସିଶ କୁମାର ସରକାର, ସବ୍ ଇନ୍ସପେକ୍ଟର ପ୍ରଭଞ୍ଜନ ପତି, ସବ୍ ଇନ୍ସପେକ୍ଟର ଆମେନ୍ଦ୍ର କୁମାର ନରେନ୍ଦ୍ର ପ୍ରମୁଖ ସହଯୋଗ କରିଥିଲେ।

# ପଞ୍ଚମ ଶ୍ରେଣୀ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ

ବାଲିଗୁଡା,୨୯।୬(ସଞ୍ଜୟ ପାଣିଗ୍ରାହୀ)

ବାଲିଗୁଡା ସହରରେ ୧୧ନଂ ୱାର୍ଡରେ ଥିବା ପଣସପଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ର ଶମ୍ଭୁ ମଲିକକୁ ଅନ୍ୟ ଜଣେ ଅଭିଭବାକ ମରଣାନ୍ତକ ଆକ୍ରମଣ କରିଛନ୍ତି। ପ୍ରକାଶ ଯେ ଶନିବାର ଥିବାରୁ ସକାଳ ସ୍କୁଲ ଥିଲା। ସକାଳ ୧୦ଟା ସମୟରେ ମଧ୍ୟାହ୍ନ ଭୋଜନ ଖାଇସାରି ପଞ୍ଚମ ଶ୍ରେଣୀର ଛାତ୍ର ଶମ୍ଭୁ ମଲିକ ନିଜର ଥାଳି ଓ ହାତ ଧୋଇ ଆସିବା ସମୟରେ ହଠାତ ସେହି ଗାଁର ଯୁବକ ଜଗା ନାୟକ ତାଙ୍କୁ ମାଡ଼ ମାରିବା ସହ ଟେକି କଚାଡ଼ି ଦେଇଥିଲେ। ତାହା ପୁଣି ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀଙ୍କ ସମ୍ମୁଖରେ। ଫଳରେ ଛାତ୍ରଙ୍କ ମୁଣ୍ଡ ଫାଟିଯାଇଥିଲା। ପରେ ବିଦ୍ୟାଳୟର କର୍ତ୍ତୃପକ୍ଷ ଛାତ୍ରଙ୍କ ଘରେ ଖବର ଦେବା ସହ ଆହତ ଛାତ୍ରଙ୍କୁ ମେଡିକାଲକୁ ନେଇ ଚିକିତ୍ସା କରାଯାଇଛି। ପରେ ଅଭିବାବକ ଓ ସମସ୍ତ ଶିକ୍ଷୟତ୍ରୀଙ୍କୁ ନେଇ ବୈଠକ ହୋଇଥିଲା। ପୁର୍ବରୁ ଦୁଇ ଛାତ୍ର ଶମ୍ଭୁ ନାୟକ ଏବଂ ଓକାର ନାୟକ କିଛି କାରଣକୁ ନେଇ ବଚସା ହୋଇଥିଲେ। ଏହାକୁ ନେଇ ଓକାରଙ୍କ ଅଭିଭାବକ ଜଗା ଏହି କାଣ୍ଡ କରିଛନ୍ତି ବୋଲି ଜଣାପଡ଼ିଛି। ପ୍ରଧାନ ଶିକ୍ଷୟତ୍ରୀ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଛାତ୍ରଙ୍କ ମା ମଧ୍ୟ ଏ ନେଇ ଏତଲା ଦେଇଛନ୍ତି। ଏହାକୁ ନେଇ ଦୁଇଟି ମାମଲା ରୁଜୁ କରି ତଦନ୍ତ କରାଯାଉଛି ବୋଲି ଥାନା ଅଧିକାରୀ କହିଛନ୍ତି।

# ସାମୂହିକ ଆଚାର୍ଯ୍ୟ କର୍ମଶାଳା ଉଦ୍‌ଯାପିତ

ଭଞ୍ଜନଗର,୨୯।୬(ବାବୁଲା ପ୍ରଧାନ): ଭଞ୍ଜନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୩ ଦିନ ଚାଲିଥିବା ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଶନିବାର ଅପରାହ୍ନରେ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ତମ ସମାଜ ଗଠନରେ ଗୁରୁଜୀ ଗୁରୁମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ପଦ୍ମନାଭ ପ୍ରଧାନ ବିବରଣୀ ପଠନ କରିଥିଲେ। କନ୍ଧମାଳ ଜିଲା ସହ ପ୍ରମୁଖ ତ୍ରିନାଥ ଗୌଡ଼, ଦକ୍ଷିଣ ପୂର୍ବ ସଂଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ଫୁଲବାଣୀ ବିଭାଗ ନିରୀକ୍ଷକ ପଦ୍ମନାଭ ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭଞ୍ଜନଗର ସଙ୍କୁଳର ୧୧ଟି ଶିଶୁ ମନ୍ଦିରର ୧୨୦ଜଣ ଗୁରୁଜୀ ଗୁରୁମା' ପ୍ରଶିକ୍ଷଣ ନେଇଥିଲେ। ଆଚାର୍ଯ୍ୟ ସୁଶାନ୍ତ କୁମାର ବେହେରା ସଂଯୋଜନା କରିଥିଲେ।


ସଭାରେ ବିଧାୟକ ଏବଂ ଅନ୍ୟମାନେ।

# ସମସ୍ୟା ଘେରରେ ସଲାଗୁଡ଼ା ପ୍ରାଥମିକ ବିଦ୍ୟାଳୟ

ଚକାପାଦ,୨୯।୬(ପ୍ରତାପ କିଶୋର ବେହେରା):

ଚକାପାଦ ବ୍ଲକ ବପଲମେଣ୍ଡି (ଲା) ଗ୍ରାମପଞ୍ଚାୟତର ସଲାଗୁଡ଼ା ଗ୍ରାମରେ ୧୯୭୫ ମସିହାରେ ନିର୍ମାଣ ହୋଇଥିବା ବିଦ୍ୟାଳୟଟି ଏବେ ବହୁ ସମସ୍ୟା ଘେରରେ ରହିଛି। ପୂର୍ବରୁ ବିଦ୍ୟାଳୟ ନିର୍ମାଣ ପାଇଁ ଜମିଦାନ କରିଥିବା ବେଳେ ୫୦ ବର୍ଷ ପୂରଣ ହୋଇଥିଲେ ମଧ୍ୟ ବିଦ୍ୟାଳୟ ନାଁରେ ନିର୍ମାଣ ହୋଇଥିବା ଅନ୍ତେବାସୀ କୋଠାର ଜମି ଅନ୍ୟମାନଙ୍କ ନାଁରେ ପଟ୍ଟା ଅଛି। ଖାତା ନଂ ୮୦, ପ୍ଲଟ ନଂ ୨୬୮/୧୧୫୨/୮୭୫ ବିଶ୍ୱମ୍ଭର ମଳିକ, ଦୟାନିଧି ମଳିକ, ବଶିଷ୍ଟ ମଳିକ, ଶିବୁନା ମଳିକଙ୍କ ନାମରେ ପଟ୍ଟା ଅଛି। ଉକ୍ତ ବ୍ୟକ୍ତିଙ୍କ ବାପାମାନେ ବିଦ୍ୟାଳୟ ନିର୍ମାଣ ପାଇଁ ଜାଗାଟିକୁ ଦାନସୂତ୍ରେ ପ୍ରଦାନ କରିଥିଲେ ବୋଲି ଗ୍ରାମବାସୀଙ୍କ ଠାରୁ ଶୁଣିବାକୁ ମିଳୁଛି। କିନ୍ତୁ ଏହାର କୌଣସି ପ୍ରମାଣ ନାହିଁ। ବର୍ତ୍ତମାନ ଏହି ବିଦ୍ୟାଳୟରେ ଆଦିବାସୀ ସମନ୍ୱିତ ଆନୁକୂଲ୍ୟରେ ୪୦ ଶଯ୍ୟା ବିଶିଷ୍ଟ ୩୦ ବର୍ଷ ହେବ ଚାଲୁଅଛି। ବର୍ତ୍ତମାନ ବିଦ୍ୟାଳୟରେ ୭୦ ଜଣ ଛାତ୍ରୀଛାତ୍ର ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପଢୁଛନ୍ତି। ନା ଅଛି ଶ୍ରେଣୀଗୃହ ନା ଅଛି ଛାତ୍ରାବାସ। ବର୍ତ୍ତମାନ ଅନ୍ତେବାସୀଙ୍କ କୋଠାରେ ବର୍ଷା ପାଣି ଗଳୁଛି। ୪୦ ବଦଳରେ ରହିବାର ସୁବିଧା ନଥିବାରୁ ହଷ୍ଟେଲରେ ୨୧ ଜଣ ଛାତ୍ର ରହୁଛନ୍ତି। ଅନ୍ୟ ଏକ ଶ୍ରେଣୀ ଗୃହ ରୂପେ ବ୍ୟବହାର ହେଉଥିବାରୁ ଚଟାଣଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ କଞ୍ଚା ମାଟିରେ ତାଳି ପକାଯାଇଛି। ବିଦ୍ୟାଳୟରେ ୫ଜଣ ଶିକ୍ଷୟତ୍ରୀ ଶିକ୍ଷକ ଶିକ୍ଷାଦାନ କରୁଥିବା ବେଳେ ସର୍ବଶିକ୍ଷା ଅଭିଯାନରେ ନିର୍ମାଣ ହୋଇଥିବା ଶୌଚାଳୟଟି ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ଏପରିକି ଛାତ୍ରାବାସରେ ନା ଅଛି ପାଣି ନା ଅଛି ଆକ୍ୱାଗାର୍ଡ। କୂପ ଏବଂ ସ୍ଲପାଇ ଆସୁଥିବା ପାଣିରେ ଚାଲୁଛି ମଧ୍ୟାହ୍ନ ଭୋଜନ ଏବଂ ଅନ୍ତେବାସୀଙ୍କ ଖାଦ୍ୟ ପ୍ରସ୍ତୁତି। ଯଥାଶୀଘ୍ର ପ୍ରଶାସନ ବିଦ୍ୟାଳୟର ସମସ୍ୟା ସମାଧାନ କରିବା ପାଇଁ ବିଦ୍ୟାଳୟ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।


ସଲାଗୁଡ଼ା ପ୍ରାଥମିକ ବିଦ୍ୟାଳୟ।

# ଗୋଟିଏ ଶ୍ରେଣୀଗୃହରେ ୧ମରୁ ୫ମ ବିଦ୍ୟାର୍ଥୀ

ଖଜୁରିପଡ଼ା,୨୯।୬(ବିଦୁର ବେହେରା)

- ୨୫ ଛାତ୍ରୀଛାତ୍ରଙ୍କୁ ଜଣେ ଶିକ୍ଷକ
- ଖଜୁରିପଡ଼ା ଗୋଭାସରୁ ବିଦ୍ୟାଳୟରେ ଅବ୍ୟବସ୍ଥା




'ସଭିଏଁ ପଢନ୍ତୁ, ସଭିଏଁ ବଢନ୍ତୁ' ନାରାଦେଇ ସରକାର ସମସ୍ତଙ୍କ ପାଖରେ ଶିକ୍ଷା ବ୍ୟବସ୍ଥା ପହଞ୍ଚାଇବାକୁ ବହୁ ଯୋଜନା କରୁଛନ୍ତି। ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାକୁ ମଧ୍ୟାହ୍ନ ଭୋଜନ, ମାଗଣାରେ ପୁସ୍ତକ, ପୋଷାକ, ସାଇକେଲ ଆଦି ଯୋଗାଉଛନ୍ତି। କିନ୍ତୁ ଏବେବି ଅନେକ ସ୍ଥାନରେ ମୌଳିକ ସମସ୍ୟା ଲାଗିରହିଥିବାରୁ ପାଠପଢ଼ାରେ ବାଧାପ୍ରାପ୍ତ ହେଉଛି। ଏହା ଦେଖିବାକୁ ମିଳିଛି ଖଜୁରୀପଡ଼ା ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ଥିବା ଗୋଭାସରୁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ। ଗ୍ରାମାଞ୍ଚଳରେ ଶିକ୍ଷାର ଆଲୋକ ଦେଖାଇବା ପାଇଁ ଜଙ୍ଗଲ ପାଦ ଦେଶରେ ୧୯୫୪ ମସିହାରେ ସ୍କୁଲ ସ୍ଥାପିତ ହେଲା। ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରାଯାଉଛି। ହେଲେ ସ୍କୁଲ ସ୍ଥାପନ ହେବାର ୭୦ ବର୍ଷ ବିତିଯାଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ଶ୍ରେଣୀ ଗୃହ ନିର୍ମାଣ ହୋଇପାରିଲା ନାହିଁ। ଫଳରେ ଗୋଟିଏ କୋଠରି ଭିତରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୫ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସେଥିରେ ସେଇ କୋଠରିରେ କାଠ ଚାଉଳ ଡାଲି ରଖି ଜଣେ ଶିକ୍ଷକ ସମସ୍ତ ବିଦ୍ୟାର୍ଥୀଙ୍କୁ ଶିକ୍ଷାଦାନ କରୁଥିବା ଦେଖିବାକୁ ମିଳିଛି। ଉକ୍ତ ସ୍କୁଲରେ ବିଦ୍ୟୁତ୍ ସଂଯୋଗୀକରଣ ହୋଇ ନ ଥିବାରୁ ପିଲାମାନେ ଗରମରେ ଛଟପଟ ହେଉଛନ୍ତି। ଏବେ ମୌସୁମୀ ଆସିବାରୁ ଟିକେ ଆଶ୍ୱସ୍ତି ମିଳିଛି। ଏହି ସ୍କୁଲରେ ଦୁଇ ଜଣ ଶିକ୍ଷକ ଥିଲେ। ହେଲେ ଜଣଙ୍କର ଅବସର ପରେ ଜଣେ ଶିକ୍ଷକଙ୍କ ଦ୍ୱାରା ପାଠ ପଢାରେ ଅସୁବିଧା ହେଉଥିବା ଅଭିଭାବକ କୁହନ୍ତି। ଏହିପରି ସମାନ ପରିସ୍ଥିତି ରହିଛି ଛନ୍ଦରୁ ପଦର ସରକାରୀ ପ୍ରାଥମିକ ବିଦ୍ୟାଳୟରେ। ଏହି ସ୍କୁଲରେ ମଧ୍ୟ ଦୁଇଜଣ ଶିକ୍ଷକ ଥିଲେ। ଜଣେ ଅବସର ନେବା ପରେ ଜଣେ ଶିକ୍ଷକ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରୁଛନ୍ତି। ଏହି ସମସ୍ୟା ନେଇ ଗ୍ରାମବାସୀ ଜଣାଇଥିଲେ ସୁଦ୍ଧା କୌଣସି ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ଏ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲଙ୍କୁ ପଚାରିବାରୁ ଶୀଘ୍ର ଉକ୍ତ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ମା'ଙ୍କ ନାମରେ ଚାରା ରୋପଣ କାର୍ଯ୍ୟକ୍ରମ

ଫୁଲବାଣୀ, ୨୯।୬(ରାକେଶ କୁମାର ରାଉତ)
ପ୍ରଧାନ ମନ୍ତ୍ରୀ ଗତ ଜୁନ୍ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ପରିବେଶର ସୁରକ୍ଷା ପାଇଁ ସରକାରୀ, ବେସରକାରୀ ତଥା ବ୍ୟକ୍ତିଗତ ଭାବେ ନିଜ ମା'ଙ୍କ ନାମରେ ଗୋଟିଏ ଗୋଟିଏ ଚାରା ରୋପଣ ପାଇଁ ଅଭିଯାନ ଆରମ୍ଭ କରିଛନ୍ତି। ଏହି କ୍ରମରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶ ଅନୁଯାୟୀ ଶନିବାର ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ, ଜିଲା ପର୍ଯ୍ୟଟନ ଅଧିକାରୀ ଅନୁପମ ଆଚାର୍ଯ୍ୟ, ଜିଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଭାକର ମହାରଣା, ସହକାରୀ ଜିଲାପାଳ ମାନସ ରଜନ ପାଣିଗ୍ରାହୀ, ଦିପ୍ତୀକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣ କରିଥିଲେ।

### ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ

ଗଞ୍ଜାମ, ୨୯।୬(ବିଦ୍ୟାଧର ସାହୁ):
ଆସନ୍ତା ୭ ରେ ପ୍ରସିଦ୍ଧ ଗୁଣ୍ଡିଚା ବା ରଥ ଯାତ୍ରା। ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପୁରୀରେ ଚାଲିଛି ରଥ ନିର୍ମାଣ କାର୍ଯ୍ୟ। ସେହିପରି ଗଞ୍ଜାମ ସହର ବଡ଼ ବଜାର ସ୍ଥିତ ଜଗନ୍ନାଥ ମନ୍ଦିର ପକ୍ଷରୁ ମଧ୍ୟ ପ୍ରତିବର୍ଷ ଗୁଣ୍ଡିଚା ଯାତ୍ରା ପାଳିତ ହେଉଅଛି। ସ୍ଥାନୀୟ ଅଞ୍ଚଳର କାରିଗର ସଞ୍ଜୟ କୁମାର ମହାରଣା ରଥ ନିର୍ମାଣ କାର୍ଯ୍ୟ କରୁଛନ୍ତି। ମନ୍ଦିର ସେବାୟତ କାଳୁଚରଣ ଶତପଥି, ପ୍ରଭାକର ପାଣିଗ୍ରାହୀ, ବନମାଳୀ ଦାସ, ଦିପୁ ପଣ୍ଡା, ଅସ୍ମିତ ପଣ୍ଡା, ପପୁ ପଣ୍ଡା ପ୍ରମୁଖ ପରିଚାଳନା କରୁଛନ୍ତି।

### ବିଧାୟକଙ୍କୁ ସମ୍ବର୍ଦ୍ଧନା

ଗଞ୍ଜାମ, ୨୯।୬(ବିଦ୍ୟାଧର ସାହୁ): ଗଞ୍ଜାମ ସହର ଅନତିଦୂରରେ ରହିଥିବା ଛତ୍ରପୁର ଓଏସଏପି ଅଷ୍ଟମ ବାଟାଲିୟନ ପକ୍ଷରୁ ନବ ନିର୍ବାଚିତ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ବିଧାୟକଙ୍କୁ ବାଟାଲିୟନ ଦୁର୍ଗପତି ସାରଦା ପ୍ରସାଦ ଦାଶ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ବିଧାୟକ ନାୟକ ବାଟାଲିୟନ ପରିସରରେ ମହାଦେବ ମନ୍ଦିରକୁ ଯାଇ ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଡେପୁଟି କାମାଣ୍ଡେଣ୍ଟ ପ୍ରଫୁଲ କୁମାର ସିଂ, ଆସିଷ୍ଟାଣ୍ଡ କମାଣ୍ଡେଣ୍ଟ ଜ୍ୟୋତି ରଞ୍ଜନ ନାୟକ, ନିହାର ରଞ୍ଜନ ରାୟ, ସୁବେଦାର ରଞ୍ଜିତ ଲେଙ୍କା, ଯୁଧିଷ୍ଠିର ରେଡି, ଜମାଦାର ପ୍ରଶାନ୍ତ କୁମାର ତ୍ରିପାଠୀ, ହାବିଲଦାର ଯଶୋବନ୍ତ ସ୍ୱାଇଁ, ପ୍ରଭାକର ବେହେରା ପ୍ରମୁଖ ବାଟାଲିୟନ କର୍ମକର୍ତ୍ତା ଓ ସିପାହୀମାନେ ଉପସ୍ଥିତ ଥିଲେ।

### ରଥ ଯାତ୍ରା ପରିଚାଳନା ଓ ସମନ୍ୱୟ ବୈଠକ

ଶେରଗଡ଼, ୨୯।୬ (ସୂର୍ଯ୍ୟନାରାୟଣ ଦାଶ): ଶେରଗଡ଼ ରଥଯାତ୍ରା ପରିଚାଳନା କମିଟି ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ତହସିଲଦାର ତ୍ରିଦେବ ରଥ ସଭାପତିତ୍ୱ କରିଥିଲେ। ବିଡିଓ ଶିବାଶିଷ ବରାଳ, ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ଥାନାଅଧିକାରୀ ବିରେନ୍ଦ୍ର ଶିଆଳ ଉପସ୍ଥିତ ରହି ରଥଯାତ୍ରାକୁ ଚିତ୍ତାକର୍ଷକ କରିବା ନେଇ ସୁଚିନ୍ତିତ ମତ ରଖିଥିଲେ। ଟ୍ରଷ୍ଟି ପୂର୍ଣ୍ଣଚନ୍ଦ୍ର ସିଂଦେଓ, ପ୍ରସନ୍ନ କୁମାର ସିଂଦେଓ ଉପସ୍ଥିତ ରହି ନୀତିକାନ୍ତିକୁ ଠିକ ସମୟରେ କରାଯିବା ନେଇ ସେବାୟତମାନଙ୍କ ସହ ଆଲୋଚନା କରିବାକୁ ମତ ପ୍ରକାଶ କରିଥିଲେ। ଚଳିତ ବର୍ଷ ରଥଯାତ୍ରା ଯେପରି ଶାନ୍ତି ଶୃଙ୍ଖଳାରେ ହେବ ସେ ଦିଗରେ ଥାନା ଅଧିକାରୀ ବୈଠକରେ କହିଥିଲେ। ହୃଷିକେଷ ପାଢୀ, ପ୍ରସନ୍ନ କୁମାର ପଣ୍ଡା, ବି. ଚୈନ ପାତ୍ର, ଦୁର୍ଗାପ୍ରସାଦ ବିଷୋୟୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ବଂଶଧାରାରେ ଲୀନ ବହୁ ଚାଷଜମି

## କ୍ଷତିଗ୍ରସ୍ତଙ୍କୁ ସହାୟତା ଦାବି

ପାରଳାଖେମୁଣ୍ଡି, ୨୯।୬ (ଗିରିଧାରୀ ପରିଛା):
ଗଜପତି ଜିଲା କାଶୀନଗର ବ୍ଲକ ଦେଇ ପ୍ରବାହିତ ହେଉଛି ବଂଶଧାରା ନଦୀ। ଉକ୍ତ ନଦୀର ବାଲିଘାଟରୁ ରାଜ୍ୟ ସରକାର ବହୁ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରୁଛନ୍ତି। ନଦୀର ପାର୍ଶ୍ୱରେ ତିନୋଟି ମେଗା ପ୍ରକଳ୍ପ ରହିଛି, ଯାହାକି ଚାଷ ଜମିଗୁଡିକୁ ସୁବିଧାରେ ଜଳ ଯୋଗାଣ ହୋଇପାରିବ। କିନ୍ତୁ ଦୁଃଖର କଥା ବହୁ ହେକ୍ଟର ଚାଷ ଜମି ଏବେ ନଦୀରେ ବିଲୀନ ହୋଇଯାଇଛି। ୧୯୮୦ ବନ୍ୟା ସମୟରେ ବଂଶଧାରା ନଦୀ ମୁହାଣ ବୁଲିଯାଇଥିବା ଯୋଗୁ ନଦୀ କୂଳରେ ଥିବା ବହୁ ଚାଷ ଜମି ଉପର ଦେଇ ନଦୀ ପ୍ରଭାବିତ ହୋଇଥିଲା। ସେତେବେଳେ କାଶୀନଗର ବ୍ଲକର ବହୁ ଘରଦ୍ୱାର, ଧନଜୀବନନ ହାନୀ ହୋଇଥିଲା। ବର୍ତ୍ତମାନ ବି ନଦୀ କୂଳରେ ଧୀରେ ଧୀରେ ଉଭେଇ ଯାଉଛି ଚାଷଜମି। ଶହ ଶହ ଏକର ଚାଷଜମି କ୍ଷୟ ପାଇଲାଣି। ଜମି ସଙ୍କୁଚିତ ହେବା ଫଳରେ କୃଷି ଉତ୍ପାଦନ କମିବାରେ ଲାଗିଛି। ଏପଟେ ଜମିର ପରିମାଣ କେବଳ ଜମି ପଟ୍ଟାରେ ସୀମିତ ରହିଛି, ଯାହାକୁ ନେଇ



ଚିନ୍ତାରେ ଭାରାକ୍ରାନ୍ତ କାଶୀନଗର ବ୍ଲକ ବଂଶଧାରା ନଦୀ ଉପକୂଳର ଅନେକ ଗାଁ ଲୋକେ।
କାଶୀନଗର ସହର ଓ କିଡିଗାଁ ସମେତ ଖାଣ୍ଡବା ପଞ୍ଚାୟତର ପାଲସିଂ, ଖାଣ୍ଡବା, ସାରା, ବାଡିଗାଁ, ପୁରୁଟିଗୁଡା ଏବଂ ବୁଦୁରା ପଞ୍ଚାୟତର ଗୌରୀ, ଭାନ୍ନା, କିତିଙ୍ଗି, ବଥବା, ବୁଦୁରା ,ଇଦୁଡି ଆଦି ଗ୍ରାମ ବଂଶଧାରା ନଦୀ ଉପକୂଳର ଅବସ୍ଥିତ। ନଦୀର ଗତିପଥ ପରିବର୍ତ୍ତନ ଫଳରେ ନଦୀର ସ୍ରୋତ ଏହିସବୁ ଗାଁପଟର କୂଳ ଖାଇବାରେ ଲାଗିଛି। ପ୍ରତିବର୍ଷ ନଦୀ ବଢ଼ି ଅବା ବନ୍ୟା ଆସିଲେ ୨୦ ରୁ ୩୦ ଫୁଟ କୂଳ ଲଙ୍ଘି ନଦୀରେ ଲୀନ ହୋଇ କ୍ଷୟ ପାଉଛି ଚାଷଜମି। ପ୍ରକୃତିର ଦୁର୍ବିପାକରେ କ୍ଷତିଗ୍ରସ୍ତ ହୋଇଆସୁଛନ୍ତି ନଦୀ ଉପକୂଳର ଚାଷୀ। ଫଳରେ ପରିବାରର ଜୀବିକା ସଙ୍କଟାପନ୍ନ ଅବସ୍ଥାରେ ପହଞ୍ଚିଛି, ଯାହାକୁ ନେଇ ଚିନ୍ତାବ୍ୟକ୍ତ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି କ୍ଷତିଗ୍ରସ୍ତ ଚାଷୀ। ଅନ୍ୟପଟେ ନଦୀ ଆରପଟ ଆନ୍ଧ୍ର ପକ୍ଷରୁ ସ୍ଥାନେ ସ୍ଥାନେ ଆଡ଼ିବନ୍ଧ ନିର୍ମାଣ କରାଯାଉଥିବାରୁ ଜଳସ୍ରୋତ ଓଡ଼ିଶା କୂଳ ମୁହାଁ ହେଉଥିବା ଅଭିଯୋଗ ହୋଇଛି। ନଦୀ ଉପକୂଳର ଚାଷୀଙ୍କ ଜମି ପଟ୍ଟାରେ ହିଁ ସୀମିତ ରହିଛି। ପଟ୍ଟାର ସରହଦ ଅନୁସାରେ ଜମି ଦେଖାଯାଉନାହିଁ। ଓଡିଶା ସୀମାର କାଶୀନଗର ଅନ୍ତର୍ଗତ ଆଭିଳାମା ମୌଜାର ଅନେକ ପଦର ଜମି ନଦୀ ଆରପଟ ଅର୍ଥାତ ଆନ୍ଧ୍ର ପରିସୀମାରେ ରହିଛି। ୨୦୦୩ରେ ଦିବଙ୍ଗତ ପାରଳାଖେମୁଣ୍ଡି ବିଧାୟକ ତ୍ରିନାଥ ସାହୁଙ୍କ ନେତୃତ୍ୱରେ ନିଜ ଅଧିକାରକୁ ଆଣି ଆମ୍ବ କାଜୁ ଓ ବିଭିନ୍ନ ବୃକ୍ଷ ରୋପଣ କରିଥିଲେ ପଟ୍ଟାଧାରୀ। କିନ୍ତୁ ଦୀର୍ଘ ବର୍ଷ ଧରି ଏଠାରେ ଜଙ୍ଗଲୀ ହାତୀଙ୍କ ଆଡ୍ଡାସ୍ଥଳୀ ପୁଣି ନଦୀ ପାର ହୋଇ ଜମି ଚାଷ କରିବା କଷ୍ଟକର ହେଉଥିବାରୁ କାଳକ୍ରମେ ଏହା ଆନ୍ଧ୍ରର କବଜାରେ ରହିଥିବା କହିଛନ୍ତି ବୁଦ୍ଧିଜୀବୀ। ତେବେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଅନ୍ୟତ୍ର ଚାଷ ଜମି ଯୋଗାଇବା ସହ ଏହାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାର ହସ୍ତକ୍ଷେପ କରିବାକୁ ଦାବି ହୋଇଛି। ଘଟଣାକୁ ଗୁରୁତର ସହ ନେଇ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦେବା ଆବଶ୍ୟକ ରହିଛି। ଏନେଇ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହ କ୍ଷତିଗ୍ରସ୍ତ ଚାଷୀଙ୍କ ପ୍ରତି ଉଚିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି।

# ଜେଜେବିରେ ହାଜର ହେଲେ ଅଭିଯୁକ୍ତ ନାବାଳକ ଛାତ୍ର

## ଶ୍ରେଣୀକକ୍ଷରେ ଛୁରାମାଡ଼ ଘଟଣା

ଦିଗପହଣ୍ଡି/ପାଟପୁର, ୨୯।୬ (ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)
ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ରାମଚନ୍ଦ୍ରପୁର ରଘୁନାଥ ହାଇସ୍କୁଲ ଶ୍ରେଣୀକକ୍ଷରେ ଶୁକ୍ରବାର ଛୁରାମାଡ଼ ହୋଇଥିଲା। ଏହି ଘଟରାରେ ସମ୍ପୃକ୍ତ ନାବାଳକ ୯ ମ ଶ୍ରେଣୀ ଛାତ୍ରଙ୍କୁ ଶନିବାର ପାଟପୁର ପୋଲିସ ଛତ୍ରପୁର ସ୍ଥିତ ପ୍ରିନ୍ସପାଲ ତଥା ଜୁଭେନାଇଲ ଜଷ୍ଟିସ ବୋର୍ଡ(ଜେଜେବି)ରେ ହାଜର କରିଥିଲା। ପରେ ତାଙ୍କୁ ଥାନା ମାମଲା ନଂ.୩୬୩/୨୪ ଅନୁଯାୟୀ ବ୍ରହ୍ମପୁର ବାଳ ସୁଧାର ଗୃହକୁ ପଠାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ ଟାରେ ୯ମ ଶ୍ରେଣୀରେ ପାଠ ପଢୁଥିବା ସହପାଠୀ ଓମ୍ ପ୍ରଧାନଙ୍କୁ ତାଙ୍କ ସହପାଠୀ ଛାତିକୁ ଛୁରା ଭୂଷି ହତ୍ୟା ଉଦ୍ୟମ କରିଥିଲେ। ଗୁରୁବାର ସନ୍ଧ୍ୟାରେ ରାମଚନ୍ଦ୍ରପୁର ଗ୍ରାମ ଟିୟୁସନରେ ଉଭୟଙ୍କ ମଧ୍ୟରେ କଳି ଝଗଡ଼ା ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ଟିୟୁଶନ ଶିକ୍ଷକଙ୍କ ଉପସ୍ଥିତିରେ ଆପୋଷ ମିଳାମିଶା କରାଯାଇଥିଲା। ହେଲେ ବି ସମ୍ପୃକ୍ତ ଛାତ୍ର ରାଗ ରଖିଥିଲେ। ଘଟଣାର ପରଦିନ ପୂର୍ବଯୋଜନା ପ୍ରକାରେ ସ୍କୁଲ ବ୍ୟାଗରେ ଘରୁ ଏକ ଛୁରୀ ଧରି ସ୍କୁଲକୁ ଯାଇଥିଲେ। ଶ୍ରେଣୀରେ ଓମ୍ ତାଙ୍କ ସିଟରେ ବସିଥିବାରୁ ସେ ଉତ୍ତେଜିତ ହୋଇ ତାଙ୍କ ସହ ଝଗଡା କରିବା ସହ ବ୍ୟାଗରୁ ଛୁରୀ କାଢି ଭୁସି ଦେଇଥିଲେ। ଗୁରୁତର ଅବସ୍ଥାରେ ଓମ୍‌ଙ୍କୁ ପ୍ରଥମେ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ହାଇସ୍କୁଲ ପ୍ରଧାନଶିକ୍ଷକ ରଘୁନାଥ ମହାରଣା ଏତଲା ପରେ ପୋଲିସ ଅଭିଯୁକ୍ତ ଛାତ୍ରଙ୍କ ବିରୋଧରେ ମାମଲା ରୁଜୁ କରିଥିଲା।

# ଚୈତନ୍ୟ ଝାଙ୍କି ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଆସିକା ୨୯।୬ (ସୁରେନ୍ଦ୍ର ନାଥ ସାହୁ):
ମା' ଫୁଲେକଶନୀଙ୍କ ଯାତ୍ରା ଅବସରରେ ସ୍ଥାନୀୟ କୃଷ୍ଣସିଂହ ପାଠାଗାର ପରିସରରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଆସିକା ଶାଖା ପକ୍ଷରୁ ଏକ ଚୈତନ୍ୟ ଝାଙ୍କି ଆସିକା ବିଧାୟକ ସରୋଜ କୁମାର ପାଢୀଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। କାର୍ଯ୍ୟକ୍ରମରେ ଭବନର ସଂଚାଳିକା ପ୍ରଭାତି ସହରବାସୀଙ୍କୁ ପରମାତ୍ମା ଶିବପିତାଙ୍କ ମାନବ କଲ୍ୟାଣ ଲାଗି ସନ୍ଦେସ ପ୍ରଦାନ କରିବା ସହ ଚୈତନ୍ୟ ଝାଙ୍କିର ଆଧ୍ୟାତ୍ମିକ ରହସ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଓକିଲ ସଂଘର ସଭାପତି ସୁଧାଂଶୁ ପଣ୍ଡା, ସନ୍ଦିପ ପାଢୀ, ସଙ୍ଗୀତ ପାଢୀ, ବିଧାୟକଙ୍କ ପ୍ରତିନିଧି ବିଜୟ କୁମାର ସ୍ୱାଇଁ, କାଉନସିଲର ସରୋଜ ଭଞ୍ଜ, ରାଘବ ସିଅ ଉପସ୍ଥିତ ଥିଲେ । ସତ୍ୟପ୍ରିୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଏଲ୍‌ଏସ୍‌ଇଓଙ୍କୁ ୨ ବର୍ଷ ଜେଲ

## ସରକାରୀ ଅର୍ଥ ଆତ୍ମସାତ ମାମଲା

ବ୍ରହ୍ମପୁର, ୨୯।୬(ସୁବାସ ଚନ୍ଦ୍ର ପାଢ଼ୀ):
ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ଶନିବାର ସରକାରୀ ଅର୍ଥ ଆତ୍ମସାତ ମାମଲାର ବିଚାର କରି ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ଜଣେ ମହିଳା ସାମାଜିକ ଶିକ୍ଷା ଅଧିକାରୀ (ଏଲ୍‌ଏସ୍‌ଇଓ)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସେହିପରି ୭ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ଅତିରିକ୍ତ ୩ ମାସ ସଶ୍ରମ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ବିଚାରପତି ନିଜ ରାୟରେ ଉଲ୍ଲେଖ କରିଛନ୍ତି । ଦୋଷୀ ସାବ୍ୟସ୍ତ ହୋଇଥିବା ମହିଳା ଜଣଙ୍କ ହେଲେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକର ତତକାଳୀନ ମହିଳା ସାମାଜିକ ଶିକ୍ଷା ଅଧିକାରୀ ତଥା ବ୍ରହ୍ମପୁର ଅଶୋକନଗର ୯ମ ଲାଇନ ବାସିନ୍ଦା ପି. ଆଦିଲକ୍ଷ୍ମୀ(୮୦)। ପ୍ରକାଶଯେ, ୧୯୯୭ ମସିହାରେ ପି. ଆଦିଲକ୍ଷ୍ମୀ ପୁରୁଷୋତ୍ତମପୁର ବ୍ଲକରେ ଏଲ୍‌ଏସ୍‌ଇଓ ଭାବେ କାର୍ଯ୍ୟ କରୁଥିଲେ। ବାର୍ଦ୍ଧକ୍ୟ ଭତ୍ତା, ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଓ ରାଜ୍ୟ ଭିନ୍ନକ୍ଷମ ଭତ୍ତା ଯୋଜନାରେ ଏହି ବ୍ଲକର ୨୬ଟି ପଞ୍ଚାୟତ ଓ ଗୋଟିଏ ଏନଏସିରେ ରହୁଥିବା ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମଙ୍କୁ ଭତ୍ତା ଟଙ୍କା ପ୍ରଦାନ ଦାୟିତ୍ୱରେ ସେ ରହିଥିଲେ। ଭତ୍ତା ପ୍ରଦାନ ପାଇଁ ସେହିବର୍ଷ ଜାନୁଆରୀ ୨ରୁ ଡିସେମ୍ବର ୧୦ ମଧ୍ୟରେ ପି. ଆଦିଲକ୍ଷ୍ମୀ ବ୍ଲକ କାର୍ଯ୍ୟାଳୟରୁ ମୋଟ ୧୨ ଲକ୍ଷ ୫୮ ହଜାର ଟଙ୍କା ଗ୍ରହଣ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ମୋଟ ଟଙ୍କାରୁ ୨ ଲକ୍ଷ ୨୦୦ ଟଙ୍କାର ହିସାବ ସେ ଦେଇନଥିଲେ। ପି. ଆଦିଲକ୍ଷ୍ମୀ ଏହି ୨ ଲକ୍ଷ ୨୦୦ ଟଙ୍କା ଆତ୍ମସାତ କରିଥିବା ସେତେବେଳେ ଅଭିଯୋଗ ହୋଇଥିଲା । ଏ ନେଇ ଭିଜିଲାନ୍ସରେ ଏକ ମାମଲା ରୁଜୁ ହୋଇଥିଲା। ଭିଜିଲାନ୍ସର ତଦନ୍ତ ଅଧିକାରୀ ରବିନ୍ଦ୍ର କୁମାର ପ୍ରଧାନ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ। ମୋଟ ୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

### ଖେମୁଣ୍ଡି ଓକିଲ ସଂଘର ଆଲୋଚନାଚକ୍ର

ଦିଗପହଣ୍ଡି, ୨୯।୬(ଅଶେଷ ନାଥ ମିଶ୍ର)
ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘ ସଭାଗୃହରେ ଶନିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ହରପ୍ରସାଦ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ବ୍ରହ୍ମପୁର ଗଞ୍ଜାମ ଓକିଲ ସଂଘର ପ୍ରାକ୍ତନ ସଭାପତି ଶିଶିର ପାଢ଼ୀ, ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା ଏବଂ ଦିଗପହଣ୍ଡି ଆଇଆଇସି ବାବାଶଙ୍କର ସରାଫ ଅତିଥି ଭାବେ ଯୋଗ ଦେଇଥିଲେ। ଜୁଲାଇ ୧ ତାରିଖଠାରୁ ସମଗ୍ର ଦେଶରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ନୂତନ ଫୌଜଦାରୀ ଆଇନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ଉପରେ ଅତିଥି ବୃନ୍ଦ ଆଲୋକପାତ କରିଥିଲେ। ବରିଷ୍ଠ ଆଇନଜୀବି ପ୍ରଭାକର ରାଉତ, ସୂର୍ଯ୍ୟ ନାରାୟଣ ସାହୁ, ରସାନନ୍ଦ ରାଉତ, ଏ. ସୋମେଶ୍ୱର ରାଓ, ସୁରେଶ ଚନ୍ଦ୍ର ସାହୁ, ରତ୍ନାକର ମେକାପ ଅନ୍ୟତମ ବକ୍ତା ଭାବେ ନିଜସ୍ୱ ମତ ଉପସ୍ଥାପନ କରିଥିବା ବେଳେ ସଂଘର ସହ ସମ୍ପାଦକ ରବିଚନ୍ଦ୍ର ଗୌଡ଼, କୋଷାଧକ୍ଷ ସୀମାଞ୍ଚଳ ପ୍ରଧାନଙ୍କ ସମେତ ଆଇନଜୀବୀ ହେମନ୍ତ କୁମାର ପାଣିଗ୍ରାହୀ, ଅଶେଷ ନାଥ ମିଶ୍ର, ମନୋଜ କୁମାର ପଣ୍ଡା, ସତ୍ୟ ନାରାୟଣ ରଥ, ନକୁଳ ପ୍ରଧାନ, ସୁକାନ୍ତ ପ୍ରଧାନ, ମନୋରଞ୍ଜନ ପଣ୍ଡା, ବିପିନ ବିହାରୀ ପଟ୍ଟନାୟକ, ପ୍ରିୟ ରଞ୍ଜନ ପଟ୍ଟନାୟକ, ଗିରିଜା ନନ୍ଦନ ମେକାପ, କିଶୋର ଚନ୍ଦ୍ର ଗୌଡ଼, ସଚ୍ଚିକାନ୍ତ ରଥ, ମଞ୍ଜୁଳା କୁମାରୀ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଂଘର ଉପସଭାପତି ରଞ୍ଜନ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଧାୟକଙ୍କ ବିଜୟ ଶୋଭାଯାତ୍ରା, ସମ୍ବର୍ଦ୍ଧନା ସଭା



ଜଗନ୍ନାଥ ପ୍ରସାଦ, ୨୯।୬ (ବିଭୁ ପ୍ରସାଦ ପଟ୍ଟନାୟକ):
ଗଞ୍ଜାମ ଜିଲାର ଭଞ୍ଜନଗର ନିର୍ବାଚନ ମଣ୍ଡଳୀ ନବନିର୍ବାଚିତ ଭାଜପା ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ଗୁରୁବାର ଜଗନ୍ନାଥପ୍ରସାଦ ବ୍ଲକ ମୁଖ୍ୟାଳୟରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅବସରରେ ବିଜୟ ରୋଷଣୀରେ ବିଧାୟକ ସାହି ପରିକ୍ରମା କରୁଥିବା ବେଳେ ଗ୍ରାମବାସୀ ନିଜ ନିଜ ଘର ସାମ୍ନାରେ ପୂର୍ଣ୍ଣକୁମ୍ଭ ବାଡି ଦୀପ ପ୍ରଜ୍ଜ୍ୱଳନ କରିଥିଲେ । ଘରର ମହିଳାମାନେ ହୁଳହୁଳି ଓ ପୁରୁଷମାନେ ଫୁଲ ମାଳ ପକାଇ ସମ୍ବର୍ଦ୍ଧନା ଜଣାଇଥିଲେ । ଶେଷରେ ଜଗନ୍ନାଥ ପ୍ରସାଦ ବଡଦାଣ୍ଡ ଠାରେ ବିଜୟ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ ହୋଇଥିଲା । ବର୍ତ୍ତମାନର ସରକାର ଦୁର୍ନୀତି ଠାରୁ ବହୁ ଦୂରରେ ରହି ଲୋକଙ୍କ ସେବା କରିବ ବୋଲି କହିଥିଲେ । ଅଞ୍ଚଳର ପାନୀୟ ଜଳର ଅଭାବ, ୧୧ଟି ମେଡିକାଲରେ ଡାକ୍ତର ପଦବୀ ଅଭାବ ପୂରଣ ପାଇଁ ପ୍ରାଥମିକ ଦେବେ ବୋଲି କହିଥିଲେ ।

# ଆଚାର୍ଯ୍ୟ କର୍ମଶାଳା ଉଦ୍‌ଯାପିତ

ଦିଗପହଣ୍ଡି, ୨୯।୬(ଅଶେଷ ନାଥ ମିଶ୍ର)
ଦିଗପହଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଦୀର୍ଘ ୪ ଦିନ ଧରି ଚାଲିଥିବା ସଙ୍କୁଳ ସ୍ତରୀୟ ପ୍ରାଥମିକ ଆଚାର୍ଯ୍ୟ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ଷଷ୍ଠୀ ପ୍ରସାଦ ବିଷୋୟୀ ଓ ଭଗବତୀ ପ୍ରସାଦ ମିଶ୍ରଙ୍କ ମିଳିତ ସଂଯୋଜନାରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ପର୍ଯ୍ୟବେକ୍ଷକ ଦେବେନ୍ଦ୍ର ପଟ୍ଟନାୟକ, ଜିଲା ପ୍ରମୁଖ ଉପେନ୍ଦ୍ର ପଣ୍ଡା , ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ପ୍ରକାଶ ଚନ୍ଦ୍ର ପ୍ରଧାନ, ସଙ୍କୁଳ ପ୍ରମୁଖ ବିଜୟ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ।



ଛାତ୍ରୀଛାତ୍ରଙ୍କ ବିଭିନ୍ନ ପାଠ୍ୟକ୍ରମ ସହ ବୌଦ୍ଧିକ, ଆଧ୍ୟାତ୍ମିକ, ଶାରିରୀକ ଅଗ୍ରଗତି ସମ୍ପର୍କରେ ଅନୁଷ୍ଠିତ କର୍ମଶାଳାରେ ତାଲିମ ପ୍ରଦାନ କରାଯାଇଥିଲା। କର୍ମଶାଳାରେ ଶିଶୁ ବିଦ୍ୟାମନ୍ଦିର ସଙ୍କୁଳ ସ୍ତରୀୟ ବିଭିନ୍ନ ବିଦ୍ୟାମନ୍ଦିରର ୨ ଶହରୁ ଉର୍ଦ୍ଧ୍ୱ ଆଚାର୍ଯ୍ୟା ଆଚାର୍ଯ୍ୟ ଅଂଶଗ୍ରହଣ କରିଥିଲେ। କର୍ମଶାଳା ଉଦ୍‌ଘାଟନୀ ଦିବସରେ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ରାମଚନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ଆଚାର୍ଯ୍ୟ ଜାନକୀ ବଲ୍ଲଭ ବିଷୋୟୀ, ବିଦ୍ୟାମନ୍ଦିରର ପୂର୍ବତନ ପ୍ରଧାନାଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର, ନିରଞ୍ଜନ ବିଷୋୟୀଙ୍କ ସମେତ ସମସ୍ତ ଆଚାର୍ଯ୍ୟା ଓ ଆଚାର୍ଯ୍ୟ ବୃନ୍ଦ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶିକ୍ଷୟିତ୍ରୀ, ଶିକ୍ଷକ ହେଲ୍‌ମେଟ ନ ପିନ୍ଧିଲେ ଦରମା ବନ୍ଦ

ଶେରଗଡ଼/ମୋହନା, ୨୯।୬(ସୂର୍ଯ୍ୟନାରାୟଣ ଦାଶ):
ମୋହନା ବ୍ଲକ ଶିକ୍ଷା ବିଭାଗରୁ ସତର୍କପୂର୍ଣ୍ଣ ଚିଠି ଦେଖି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ହଡ଼ବଡ଼େଇ ଯାଇଛନ୍ତି। ମୋହନା ବିଇଓଙ୍କ ପତ୍ର ସଂଖ୍ୟ ୧୨୦୮ /୨୭।୬।୨୪ରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସତର୍କ କରି ପତ୍ର ମାଧ୍ୟମରେ ଜଣାଇଛନ୍ତି, ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଗାଡି ଚଳାଇ ବିଦ୍ୟାଳୟକୁ ଯିବା ଆସିବା କରୁଛନ୍ତି ସମସ୍ତେ ହେଲମେଟ ପିନ୍ଧିବା ବାଧ୍ୟତାମୂଳକ। ଯଦି ସେମାନେ ହେଲମେଟ ନ ପିନ୍ଧି ବିଦ୍ୟାଳୟକୁ ଆସିବାର ବିଇଓ, ଏବିଇଓଙ୍କ ହାତରେ ଧରାପଡ଼ନ୍ତି ତେବେ ଗୋଟିଏ ମାସର ଦରମା ବନ୍ଦ କରାଯିବ।

# ମହିଳା ଜୀବିକା ସୁରକ୍ଷା ମଞ୍ଚର ସ୍ୱତନ୍ତ୍ର ଗ୍ରାମସଭା

ଜି.ଉଦୟଗିରି, ୨୯।୬(ଶିଶିର ପଟ୍ଟନାୟକ):
ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ଗ୍ରେସିଙ୍ଗିଆ ଗ୍ରାମପଞ୍ଚାୟତ ଏବଂ ମାଳିକାପଡି ଗ୍ରାମପଞ୍ଚାୟତରେ ଜିଲାର ଅଗ୍ରଣୀ ଲୋକ ସଂଗଠନ ମହିଳା ଜୀବିକା ସୁରକ୍ଷା ମଞ୍ଚ ଓ ଜୀବିକା ସୁରକ୍ଷା ମଞ୍ଚର ଆହ୍ୱାନ କ୍ରମେ ସ୍ୱତନ୍ତ୍ର ମହିଳା ଗ୍ରାମସଭା ଅନୁଷ୍ଠିତ ହୋଇଛି। ଗ୍ରାମାଞ୍ଚଳରେ ପ୍ରତିଟି ଗାଁ, ପ୍ରତ୍ୟେକ ବିଦ୍ୟାଳୟ ଅଙ୍ଗନୱାଡି କେନ୍ଦ୍ରରେ କିପରି ଶୁଦ୍ଧ ପାନୀୟ ଜଳ ପହଞ୍ଚିବ ଏବଂ ଗ୍ରାମରେ ଥିବା ବ୍ୟକ୍ତିଗତ ଶୌଚାଳୟକୁ କିପରି ପୁନଃରୁଦ୍ଧାର କରାଯିବ, ଜଳସେଚନ ବ୍ୟବସ୍ଥା କରି ଚାଷ ଜମିକୁ କିପରି ପାଣି ପହଞ୍ଚିପାରିବେ ଯାହାଦ୍ୱାରା ଚାଷୀମାନେ ଭଲ ଚାଷ କରି ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବି ହୋଇପାରିବେ ସେନେଇ ପଞ୍ଚାୟତସ୍ତରୀୟ ସ୍ୱତନ୍ତ୍ର ମହିଳା ଗ୍ରାମସଭା ଅନୁଷ୍ଠିତ ହୋଇଛି। ଏହି ସ୍ୱତନ୍ତ୍ର ମହିଳା ଗ୍ରାମ ସଭାରେ ଜି.ଉଦୟଗିରି ବ୍ଲକ ଗ୍ରେସିଙ୍ଗିଆ ସରପଞ୍ଚ ତ୍ରିଶୀଳା ପ୍ରଧାନ, ମାଳିକାପଡି ସରପଞ୍ଚ ଝରଣା ଯୋଗ ଦେଇଥିଲେ। ଏମାନଙ୍କ ସହ ମାଳିକାପଡି କୃଷକ ସାଥୀ କୈଳାଶ ପ୍ରଧାନ, ଅନ୍ତରଙ୍ଗ ଯୁବ ମହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ, ଫିରୋଜ ଦିଗାଲ, ମହିଳା ଜୀବିକା ସୁରକ୍ଷା ମଞ୍ଚ ବ୍ଲକ ସଭାନେତ୍ରୀ ମନି ପ୍ରଧାନ, ବ୍ଲକ ସମ୍ପାଦିକା ସମଲତା ପ୍ରଧାନ ଯୋଗ ଦେଇଥିଲେ।

# ଶିଶୁମାନଙ୍କୁ ଶ୍ରମିକ ଭାବେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ



ପାରଳାଖେମୁଣ୍ଡି, ୨୯।୬ (ଗିରିଧାରୀ ପରିଛା):
ଜିଲା ପ୍ରଶାସନ ଓ ଶ୍ରମ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଶିଶୁ ଶ୍ରମିକ ଉଚ୍ଛେଦ ଓ କିଶୋର ଶ୍ରମିକମାନଙ୍କ ବିପଦସଙ୍କୁଳ କାର୍ଯ୍ୟରେ ନିରାକରଣ ନିମନ୍ତେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଡ.ଗୁଣନିଧି ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ କୁମାର ମହାନ୍ତି, ଜିଲା ଶିକ୍ଷା ଅଧିକାରୀ ଡ.ମାୟାଧର ସ୍ୱାଇଁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ପ୍ରକଳ୍ପ ସଂଯୋଜକ, ଚାଇଲ୍ଡ ଲାଇନ ବୈଶାଳୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ନିଜ ବକ୍ତବ୍ୟରେ କହିଥିଲେ ଯେ ଶିଶୁ ଶ୍ରମିକ ଉଚ୍ଛେଦ ନେଇ ସମ୍ବିଧାନରେ ଉଲେଖ ଥିବା ମୌଳିକ ଅଧିକାର ସମେତ ବିଭିନ୍ନ ଧାରା ବିଷୟରେ ଆଲୋକପାତ କରିଥିଲେ। ଏହା ସହିତ ସମାଜରେ ଶିଶୁଙ୍କୁ ଶ୍ରମ କ୍ଷେତ୍ରରେ ନିୟୋଜିତ କରିବାର ମାନସିକତା ଦୂର କରିବାର ଆବଶ୍ୟକତା ରହିଛି ଓ ଏଥିନିମନ୍ତେ ସମସ୍ତଙ୍କର ସହଭାଗିତା ଜରୁରୀ। ଏହି ଅବସରରେ ବିଭାଗୀୟ ଶ୍ରମ ଆୟୁକ୍ତ ଭାରତୀ ବେହେରା କହିଥିଲେ, ୧୪ ବର୍ଷରୁ କମ ବୟସର ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ। ଏଥି ନିମନ୍ତେ ଜିଲା ଶ୍ରମ ବିଭାଗ, ଜିଲା ଶିଶୁ ସୁରକ୍ଷା ବିଭାଗ କିମ୍ବା ଜିଲାପାଳଙ୍କୁ ଅବଗତ କରାଇବା ପାଇଁ ପରାମର୍ଶ ଦେଇଥିଲେ। ଏତଦ ବ୍ୟତୀତ ନିଃଶୁଳ୍କ ଶ୍ରମିକ ସହାୟତା ହେଲ୍ପଲାଇନ ନମ୍ବର ୧୫୫୩୬୮ ଏବଂ ଚାଇଲ୍ଡ ଲାଇନ ନମ୍ବର ୧୦୯୮କୁ ଯୋଗାଯୋଗ କରିପାରିବେ ବୋଲି ମଧ୍ୟ ସୂଚନା ଦେଇଛନ୍ତି। ଶେଷରେ ମଙ୍ଗଳ ସଂଯୋଜକ ସୁକାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ୧୩ଶହ ଏନ୍‌ସିସି କ୍ୟାଡେଟଙ୍କୁ ଜୁନିୟର ରକ୍ଷକ ମାନ୍ୟତା

## ଦୁର୍ଘଟଣାରେ ଆହତଙ୍କୁ ରକ୍ଷା କରିବେ

ଛତ୍ରପୁର, ୨୯।୬ (ଦିଲୀପ ସାମଲ):
ଦୈନିକ ସଡ଼କ ଦୁର୍ଘଟଣାରେ ବହୁ ଲୋକଙ୍କ ମୃତ୍ୟୁ ଘଟିଥାଏ। ଏହାକୁ ଦୃଷ୍ଟିରେ ରଖି ପରିବହନ ବିଭାଗ ପକ୍ଷରୁ ଜୁନିଅର ରକ୍ଷକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁର୍ଘଟଣାରେ ଆହତଙ୍କୁ ଏହି ରକ୍ଷକ ରକ୍ଷା କରିବେ। ଏନେଇ ଗଞ୍ଜାମ ଜିଲାରେ ପ୍ରଥମ ପର୍ଯ୍ୟାୟରେ ଏସ୍‌ଏମଆଇଟି ଓ ଯୁସିପିରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଏନସିସି କ୍ୟାଡେଟ ଜୁନିଅର ରକ୍ଷକମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ପାରଳା ମହାରାଜା କଲେଜରେ ଏନସିସି କ୍ୟାଡେଟଙ୍କୁ ଜୁନିଅର ରକ୍ଷକ ପ୍ରଶିକ୍ଷଣ ଦିଆଯିବ। ପାରଳା ମହାରାଜା କଲେଜରେ ୪ଶହ ଏନସିସି କ୍ୟାଡେଟ ପ୍ରଶିକ୍ଷଣ ନେବେ। ସଡ଼କ



ସୁରକ୍ଷା ଓ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ପ୍ରାଥମିକ ଚିକିତ୍ସା ସମ୍ବନ୍ଧରେ ମାଷ୍ଟରଟ୍ରେନରମାନେ ପ୍ରଶିକ୍ଷଣ ଦେଇଥିଲେ। ଏସ୍‌ଏମ୍‌ଆଇଟିରେ ୪ଶହ ଛାତ୍ରୀଛାତ୍ରୀ ଓ ଯୁସିପିରେ ୫୦୦ ଜଣ ଛାତ୍ରୀଛାତ୍ରମାନଙ୍କୁ ଜୁନିଅର ରକ୍ଷକ ଭାବେ ପ୍ରଶିକ୍ଷଣ ନେଇଥିଲେ। ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ହ୍ରାସ ଦିଗରେ ଏନସିସି ସହଭାଗିତାରେ ପରିବହନ ବିଭାଗ ପକ୍ଷରୁ ଏଭଳି ପ୍ରଚେଷ୍ଟା କରାଯାଇଛି । ପୂର୍ବରୁ ରକ୍ଷକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଦୁର୍ଘଟଣାର ଗୋଲଡେନ ଆୱାର ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ସମୟ ମଧ୍ୟରେ ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ କିଭଳି ପ୍ରାଥମିକ ଚିକିତ୍ସା ପ୍ରଦାନ କରିହେବ ଓ ତୁରନ୍ତ ମେଡିକାଲରେ ପହଞ୍ଚାଯାଇପାରିବ ଗଞ୍ଜାମ ଆରଟିଓ ମାନସ ରଞ୍ଜନ ସାହୁ କହିଥିଲେ। ଜୁନିଅର ରକ୍ଷକମାନେ ସଡ଼କ ସୁରକ୍ଷାର ବ୍ରାଣ୍ଡ ଆମ୍ବାସଡର ଭଳି କାମ କରିବେ। ଦୁର୍ଘଟଣା ଘଟିଲେ ଯେଉଁମାନେ ଆଗକୁ ଆସି ସହଯୋଗ କରିବେ ସେମାନଙ୍କୁ ଗୁଡ ସମରିଟାନ ଭାବେ ୨ ହଜାର ଟଙ୍କା ପୁରସ୍କାର ମିଳିଥାଏ ବୋଲି କୁହାଯାଇଛି। ଏହି ଜୁନିଅର ରକ୍ଷକ ପ୍ରଶିକ୍ଷଣ ଶିବିରରେ ଏମଭିଆଇ ରବିନ୍ଦ୍ର ନାଥ ଜେନା, ସଡକ ସୁରକ୍ଷା ଅଧିକାରୀ ରତିକାନ୍ତ ନାହାକ, ଏନସିସି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ମଧ୍ୟ ଏହି ଏନସିସି କ୍ୟାଡେଟମାନଙ୍କୁ ନେଇ ପୁଣି ଜୁନିଅର ରକ୍ଷକ ପ୍ରଶିକ୍ଷଣ ଦିଆଯିବ।

**ସଂକ୍ଷେପରେ**

## ଗଞ୍ଜେଇ ଚାଲାଣ ମାମଲାରେ ୨ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୨୯।୬(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଓପିଆଇଡି ବିଚାରପତି ଶନିବାର ଏକ ଗଞ୍ଜେଇ ଚୋରାଚାଲାଣ ମାମଲାର ଶୁଣାଣି କରି ପ୍ରମାଣ ଅଭାବରୁ୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ମହାରାଷ୍ଟ୍ର ଔରଙ୍ଗାବାଦ ଜିଲାର ୟୁନିସ ମେହେବୁବ ସେଖ(୪୭) ଓ ଶେଖ ସାକିଲ (୩୨)। ୨୦୨୨ ଅଗଷ୍ଟ ୨୭ରେ ଅବକାରୀ ଗୁଇନ୍ଦା ବିଭାଗ ଇନ୍ସପେକ୍ଟର ଗୀତାଞ୍ଜଳି ସାହୁଙ୍କ ନେତୃତ୍ୱରେ ଏକ ଟିମ ଫାଷ୍ଟଗେଟ ନିକଟରେ ଯାନବାହନ ଯାଞ୍ଚ କରୁଥିଲେ। ବ୍ରହ୍ମପୁର ଆଡକୁ ଆସୁଥିବା ଭ୍ୟାନ ନଂ. ଏମଏଚ ୧୨ ଜିଆର ୮୯୯୦କୁ ଅଟକାଇ ଯାଞ୍ଚ କରୁଥିବାବେଳେ ସେଥିରୁ ୧୨୦ କେଜି ଗଞ୍ଜେଇ ଜବତ ହୋଇଥିଲା। ଜେରା ବେଳେ ସେମାନେ ଉକ୍ତ ଗଞ୍ଜେଇ ଗଜପତି ଜିଲା ମୋହନାରୁ ଆଣି ମହାରାଷ୍ଟ୍ର ନେଉଥିଲେ ବୋଲି ସ୍ୱୀକାର କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ନଂ.୫୭୪/୨୨-୨୩ରେ ଏକ ମାମଲାରେ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତତ୍କାଳୀନ ତଦନ୍ତ ଅଧିକାରୀ ତଥା ଇନ୍ସପେକ୍ଟର ଗୀତାଞ୍ଜଳି ସାହୁ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୩ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗିରଫ ପରଠାରୁ ଜେଲରେ ଥିବା ୨ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ଅଭାବରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ମହେନ୍ଦ୍ର କୁମାର ଶତପଥୀ ଓ ଅମିତ କୁମାର ପାଢ଼ୀ ମକଦ୍ଦମା ପରିଚାଳନା କରୁଥିଲେ।

## ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ

ବ୍ରହ୍ମପୁର, ୨୯।୬ (ସୁବାସ ଚନ୍ଦ୍ର ପାଢ଼ୀ): ବଡ଼ବଜାର ଥାନା ଅନ୍ତର୍ଗତ ମହାରାଜା ବାର ନିକଟରେ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଛି। ଏନେଇ ଥାନାରେ ଅଭିଯୋଗ ହୋଇଛି । ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି । ପ୍ରକାଶ ଯେ, ଉକ୍ତ ଥାନା ଅନ୍ତର୍ଗତ ଧାନମେରା ସାହିର ଉନ୍ନତି ଦାସଙ୍କ ସାନପୁଅ ତ୍ରିପତି ଘରୁ ଚିକେନ ତରକାରୀ ଧରି ବାଇକ ଯୋଗେ ହରିଜନ କଲୋନୀ ସ୍ଥିତ ନିଜ ଶ୍ୱଶୁର ଘରକୁ ଯାଉଥିଲେ। ସ୍ଥାନୀୟ ମହାରାଜା ବାର ନିକଟରେ ଜିତୁ ଦାସଙ୍କ ସମେତ ୪ ଜଣ ଯୁବକ ତ୍ରିପତିଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ସେ ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲ ପଠାଇଥିଲେ।

## ୧୮୦ ଲିଟର ମଦ ଜବତ, ୨ ଗିରଫ

ଖଲ୍ଲିକୋଟ,୨୯।୬
(ପ୍ରଶାନ୍ତ କୁମାର ମିଶ୍ର):

ଖଲ୍ଲିକୋଟ ପୋଲିସ ଶନିବାର ଚଢ଼ାଉ କରି ୧୮୦ ଲିଟର ଦେଶୀ ମଦ ସହ ଏକ କାରକୁ ଜବତ କରିଥିବା ବେଳେ ୨ ଜଣଙ୍କୁ ଗିରଫ କରିଛି। ଶନିବାର ସନ୍ଧ୍ୟାରେ ଗୁହାରିଆପାଟରୁ ମହେଶ୍ୱରପୁର ଦେଶୀ ମଦ ଚୋରା ଚାଲାଣ ହେଉଥିଲା। ଥାନାଧିକାରୀ ନରେଶ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ହରିକୃଷ୍ଣ ସାମଲ, ଅସିତ ପ୍ରଧାନ, କନେଷ୍ଟବଳ ସୁମନ କୁମାର ସାହୁ, ହୋମଗାର୍ଡ ମୁକେଶ ବୈଦ୍ୟ ପ୍ରମୁଖ ହରିଡ଼ାମୂଳ ଛକରେ ଚଢ଼ାଉ କରିଥିଲେ। ଗିରଫ ଦ୍ୱୟ ହେଲେ ସୁମଣ୍ଡଳର ଅଘରୀ ବାରିକ ଓ ଶେରଗଡ଼ର ବଳରାମ ସେଠି।

# ଲୋକଙ୍କୁ ଦୂଷିତ ପାଣି ଦେଉଛି ୱାଟ୍‌କୋ

ବ୍ରହ୍ମପୁର,୨୯।୬(ଅଶୋକ କୁମାର ସାହୁ)

ଆଜକୁ ପ୍ରାୟ ୫ ଦିନ ହେଲା ସହରକୁ ଦୂଷିତ ପାଣି ଯୋଗାଣ ହେଉଛି। ପାଣି ବିଶୋଧନରେ ଯାନ୍ତ୍ରିକ ତ୍ରୁଟି କିମ୍ବା ଯେଉଁ ଟାଙ୍କିରୁ ପାଣି ଯୋଗାଣ ହେଉଛି ତାହା ସଫା ହେଉ ନ ଥିବାରୁ ଏଭଳି ଗୋଳି ବା ଦୂଷିତ ପାଣି ଆସୁଥିବା କାରଣ ହୋଇଛି। ବର୍ଷା ଯୋଗୁ ନଦୀରେ ଗୋଳି ପାଣି ଆସୁଥିବାରୁ ଏଭଳି ହେଉଥିବା ୱାଟକୋ ପକ୍ଷରୁ ସଫେଇ ଦିଆଯାଇଛି।

ବିଜେଡି ସରକାର ଅମଳରେ ପାନୀୟ ଜଳ ଯୋଗାଣକୁ ସୁଗମ କରିବା ଆଳରେ ବଡ ଯୋଜନା କରାଯାଇଥିଲା। ଗତ ଫେବୃଆରୀ ମାସରେ ବ୍ରହ୍ମପୁରକୁ ୨୪ ଘଣ୍ଟିଆ ପାଣି ଯୋଗାଣ ହେବ ବୋଲି ଘୋଷିତ ହୋଇଥିଲା। ପାଣି ଯୋଗାଣର ଦାୟିତ୍ୱ ୱାଟକୋ ଉପରେ ନ୍ୟସ୍ତ ଥିଲା। ତେବେ କିଛି ଦିନ ଯୋଗାଣ ପରେ ଏହା ସମ୍ପୂର୍ଣ୍ଣ ବିଫଳ ହୋଇଥିବାବେଳେ ୱାଟକୋ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଥିଲା। ସହରରେ ପ୍ରାୟ ୫୫ ହଜାରରୁ ଅଧିକ ଗ୍ରାହକ ଅଛନ୍ତି। ସରକାରଙ୍କ ତରଫରୁ ଏହି ଅଟୋମେଶନ

### ପାଣିର ଗୁଣବତ୍ତା ରହୁଛି ୮୫୦ ଏନ୍‌ଟିୟୁ



ଯୋଗାଣ ହେଉଥିବା ଗୋଳିଆ ପାଣି

ପ୍ରକଳ୍ପରେ ୪୩.୮୩ କୋଟି ଟଙ୍କା ବ୍ୟୟ କରାଯାଇଛି। ଜାନିବିଲିରୁ ବ୍ରହ୍ମପୁରକୁ ପାଣି ଯୋଗାଣ ହେଉଛି। ଜଗଦଳପୁରରେ ଥିବା ବିଶୋଧନାଗାରରେ ପାଣିକୁ ବିଶୋଧନ କରାଯାଇ ସହରକୁ ଯୋଗାଣ ହେଉଛି। ୱାଟକୋ ପକ୍ଷରୁ ୫ବର୍ଷ ହେଲା ବିଶୋଧାନାଗାର ସଫା ହୋଇନଥିବା କୁହାଯାଇଛି। ଏତେଦିନ ଧରି ଟ୍ରିଟମେଣ୍ଟ ପ୍ଲାଣ୍ଟ ସଫା ନ ହେବା ଗ୍ରାହକଙ୍କୁ ତାଜୁବ କରିଛି। ଅନ୍ୟପକ୍ଷରେ ଯୋଗାଣ ହେଉଥିବା ପାନୀୟ ଜଳର ଗୁଣବତ୍ତାର ଏକ ଉପାଦାନ ଜାଣିବା ପାଇଁ ଏନଟିୟୁ (ନେଫେଲୋମାଟ୍ରିକ ଟୁର୍ବିଡିଟି ୟୁନିଟ) ସୂଚକାଙ୍କ ରହିଛି। ବ୍ୟବହୃତ ଜଳର ଏହି ଗୁଣବତ୍ତାର ଉପାଦାନ ୫ ଏନଟିୟୁ କିମ୍ବା ତା'ଠାରୁ କମ ରହିଲେ ତାହା ବ୍ୟବହାର ଯୋଗ୍ୟ ହୋଇଥାଏ ବୋଲି ଜଣାପଡିଛି। କିନ୍ତୁ ବ୍ରହ୍ମପୁରକୁ ଯେଉଁ ଜଳ ଯୋଗାଣ ହେଉଛି ତାହାର ଗୁଣବତ୍ତାର ଉପାଦାନ ୮୫୦ ଏନଟିୟୁ ରହୁଛି, ଯାହା ଆଦୌ ବ୍ୟବହାର ଯୋଗ୍ୟ ନୁହେଁ। ଏ ସଂକ୍ରାନ୍ତରେ କଟକ ଏସସିବିର ଡା. ଶୁଭେନ୍ଦୁ ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଲେ ଯେ, ବିଶେଷ କରି ବର୍ଷାଦିନେ ପ୍ରାୟତଃ ନଦୀନାଳରେ ଗୋଳି ପାଣି ଆସିଥାଏ। ସେହି ପାଣି ପିଇବା ଦ୍ୱାରା ତରଳ ଝାଡା, ପେଟ ଯନ୍ତ୍ରଣା, ହେପାଟାଇସିସ ଭଳି ରୋଗରେ ଆକ୍ରାନ୍ତ ହେବା ସମ୍ଭାବନା ରହିଛି। ତେଣୁ ଗୋଳି ପାଣିକୁ ଆରୋ ଦ୍ୱାରା ଛାଣି ପିଇବା ଉଚିତ, ନଚେତ ପାଣି ଫୁଟାଇ ଥଣ୍ଡା କରି ପିଇବା ଆବଶ୍ୟକ ବୋଲି ସେ କହିଥିଲେ। ଏ ସଂକ୍ରାନ୍ତରେ ବ୍ରହ୍ମପୁର ୱାଟ୍‌କୋର ଜେନେରାଲ ମ୍ୟାନେଜର ବିକାଶ ଚନ୍ଦ୍ର ପାଢ଼ୀଙ୍କୁ ପଚାରିବାରୁ ସେ କହିଲେ ଯେ, ବର୍ଷା ହେବା ଯୋଗୁ ନଦୀରେ ଗୋଳି ପାଣି ଆସୁଛି। ଦୀର୍ଘ ୫ବର୍ଷ ହେଲା ବିଶୋଧନାଗାର ସଫା ହୋଇନାହିଁ। ଏହାକୁ ସଫା କରିବାକୁ ହେଲେ ପ୍ଲାଣ୍ଟ ବନ୍ଦ କରିବା ଦରକାର। ଜଳରେ ୪୦ ଏନଟିୟୁ ରହିଲେ ତାହା ସଫା କରାଯାଇପାରିବ। ତେବେ ହଠାତ ବର୍ଷା ହୋଇଯିବାରୁ ଆସୁଥିବା ଜଳରେ ୮୫୦ ଏନଟିୟୁ ରହୁଛି। ତେଣୁ ସଫା କରିବା ମୁସ୍କିଲ ହୋଇପଡୁଛି। ତଥାପି ସହରରେ ସଫା ପାଣି ଯୋଗାଣ ପାଇଁ ଚେଷ୍ଟା ଚାଲିଛି। ସହରରେ ଥିବା ଓଭରହେଡ ଟ୍ୟାଙ୍କିଗୁଡିକ ବି ସଫା କରାଯାଉଛି। ଏବେ କିନ୍ତୁ ସଫା ପାଣି ଆସୁଛି ବୋଲି ସେ କହିଥିଲେ।

## ଏମ୍‌କେସିଜିକୁ ମିଳିଲା ୨ ଚକ୍ଷୁ



ପରିବାର ଉପସ୍ଥିତିରେ ଚକ୍ଷୁଦାନ କରାଯାଉଛି।

ବ୍ରହ୍ମପୁର, ୨୯।୬ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଏବେ ଚକ୍ଷୁଦାନ ପାଇଁ ଲୋକଙ୍କ ଆଗ୍ରହ ବଢ଼ିବାରେ ଲାଗିଛି। ଶୁକ୍ରବାର ପୁଣି ଜଣେ ମହିଳାଙ୍କ ଚକ୍ଷୁଦାନ କରାଯାଇଛି। ବ୍ରହ୍ମପୁର ସହର ବଡବଜାର ଥାନା ଯଉରା ସାହିରେ ରହୁଥିବା ଜଣେ ମହିଳାଙ୍କ ଚକ୍ଷୁଦାନ ଘଟଣା ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛି। ଇପାରି କ୍ରିଷ୍ଣାଭେନି (୮୩)ଙ୍କ ମୃତ୍ୟୁ ପରେ ପରିବାର ସଦସ୍ୟ ତାଙ୍କ ଚକ୍ଷୁ ଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏ ସଂପର୍କରେ ସେମାନେ ଫ୍ରେଣ୍ଡସ ହେଲପିଙ୍ଗ କ୍ଲବର ସଦସ୍ୟଙ୍କୁ ଜଣାଇଥିଲେ। ପରେ ଏମ୍‌କେସିଜି ଚକ୍ଷୁ ବିଭାଗ ମୁଖ୍ୟ ଡା.ସୁଚିତ୍ରା ଦାସଙ୍କ ତତ୍ତ୍ୱାବଧାନରେ ଡା.ମନୀସା ଓରାମ, ଡା.ବିବେକାନନ୍ଦ ସାହୁ ମୃତ ମହିଳାଙ୍କ ଦୁଇ ଗୋଟି ଚକ୍ଷୁ ସଂଗ୍ରହ କରିଥିଲେ। ଏହି ସମୟରେ ତାଙ୍କର ପୁଅ ଭଦ୍ରୀନାରାୟଣ, ଦୁଇ ଝିଅ ଟି. ସୁଧାରାଣୀ ଓ ଏସ. ସୁନିତା ଉପସ୍ଥିତ ଥିଲେ। ଉକ୍ତ କ୍ଲବ ସଦସ୍ୟଙ୍କ ପ୍ରେରଣାରେ ମୃତ ମହିଳାଙ୍କ ପରିବାର ସହମତି ପ୍ରକାଶ କରିବା ସହ ଚକ୍ଷୁଦାନ କରାଯାଇଛି। ଡା. ପ୍ରକାଶ ରାଓ, ଡା. କେ. ସେସକର ରାଓ, ଇପାରି ଶିବ ପ୍ରସାଦ, କେ ରାମଗୋପଲ, ଜାମୁଲା ସୁରେଶ, କେ. ନାଗଭୂଷଣମ, ଡା.କେ. ଇ.ପି. ସୁବୁଦ୍ଧି, ଇପାରି ଜିଭିତମ, ଇପାରି କନ୍ୟାକୁମାରୀ, କୋଞ୍ଚଡା ଭିଜୟା, ଇପାରି ଦୀପା ଓ ମୃତକଙ୍କ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ମୃତକଙ୍କ ପରିବାରର ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ସେହିପରି ତାଙ୍କ ଅମର ଆତ୍ମାର ସଦଗତି କାମନା ମଧ୍ୟ କରିଥିଲେ। ଦୃଷ୍ଟିହୀନ ମହିଳାଙ୍କ ଆଖିରେ ସଂଗୃହୀତ ଚକ୍ଷୁ ଦୁଇଟି ଖଞ୍ଜା ଯିବ ବୋଲି ଡା. ସୁଚିତ୍ରା ଦାଶ କହିଛନ୍ତି। ସୂଚନାଯୋଗ୍ୟ ଯେ, ଏହା ହେଉଛି ଚଳିତ ବର୍ଷର ତୃତୀୟ ଏବଂ ୨୦୨୩ -୨୦୨୪ରେ ୨୭ତମ ଚକ୍ଷୁଦାନ।

## ନୂତନ ଆପରାଧିକ ଆଇନ କାର୍ଯ୍ୟକାରୀ ନେଇ କର୍ମଶଳା



ବ୍ରହ୍ମପୁର,୨୯।୬ (ସୁବାସ ଚନ୍ଦ୍ର ପାଢ଼ୀ):

ଦେଶରେ ଜୁଲାଇ ପହିଲାରୁ ଲାଗୁ ହେବାକୁ ଥିବା ୩ ନୂତନ ଆପରାଧିକ ଆଇନ ତଥା ନାଗରିକ ସୁରକ୍ଷା ଆଇନକୁ ନେଇ ଏକ ସଚେତନତା କର୍ମଶାଳା ଗଞ୍ଜାମ ଓକିଲ ସଂଘ ଅସ୍ଥାୟୀ କାର୍ଯ୍ୟାଳୟଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ନୟନଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କର୍ମଶାଳାରେ ବ୍ରହ୍ମପୁର ଅତିରିକ୍ତ ଜିଲା ଜଜ-୧ ଡ. ଇନ୍ଦୁ ଶର୍ମା, ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଡ. ଅରୁଣ କୁମାର ସାହୁ, ଦ୍ୱିତୀୟ ଏମଏସିଟି ଜଜ ରାମଶଙ୍କର ହୋତା ଅତିଥି ଭାବେ ଯୋଗଦେଇ ନୂତନ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବରୁ ପ୍ରଚଳିତ ଭାରତୀୟ ପିଙ୍ଗଳ କୋଡ (ଆଇପିସି), ସିଆରପିସି ଏବଂ ସାକ୍ଷ୍ୟ ଆଇନ ବଦଳରେ ଜୁଲାଇ ପହିଲାରୁ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ କାର୍ଯ୍ୟକାରୀ ହେବ। ପୂର୍ବରୁ ପ୍ରଚଳିତ ଆଇନ ଓ ବର୍ତ୍ତମାନ ଲାଗୁ ହେବାକୁ ଥିବା ଆଇନରେ କ'ଣ ସବୁ ପରିବର୍ତ୍ତନ ହୋଇଛି ଏବଂ ନ୍ୟାୟ ପ୍ରଦାନ ବେଳେ ସେଗୁଡ଼ିକ କିଭଳି ଭାବେ ବ୍ୟବହାର ହେବ ସେ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ସଂଘ ସମ୍ପାଦକ ବିରଞ୍ଚି ମହାପାତ୍ର, ଉପସଭାପତି ରାମପ୍ରସାଦ ପଣ୍ଡା ଓ ଯୁଗ୍ମ ସମ୍ପାଦକ ଗିରିଜା ବେହେରା, ସଂଘର କାର୍ଯ୍ୟକାରୀ ସଦସ୍ୟ, ବରିଷ୍ଠ ଆଇନଜୀବୀ କପିଳେଶ୍ୱର ପଟ୍ଟନାୟକ, ଡି ପ୍ରସାଦ ଦୋରା, ନିର୍ମଳ ସାହୁ, ପ୍ରସାଦ ରାଓ, ପ୍ରଦୀପ ପଣ୍ଡା ବାପ ସାବତ, ନିରଞ୍ଜନ ନାୟକ, ସରୋଜ ଗୌଡ, ସୀତାଂଶୁ ପଣ୍ଡା, ପ୍ରଦୀପ ବେହେରା ସମେତ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ ।

## ପ୍ରତି ମାସରେ କାଉନସିଲ ବୈଠକ ଦାବି

ବ୍ରହ୍ମପୁର,୨୯।୬(ସ୍ମୃତି ରଞ୍ଜନ ମହାଲିକ):

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ନିୟମିତ କାଉନସିଲ ବୈଠକ ହେଉ ନାହିଁ। ନିଗମ ପକ୍ଷରୁ ଆସନ୍ତା କାଉନସିଲ ବୈଠକ ଅନୁଷ୍ଠିତ ହେବା ନେଇ ମଧ୍ୟ କୌଣସି ସ୍ପଷ୍ଟୀକରଣ ମିଳିପାରି ନାହିଁ, ଯାହାକୁ ନେଇ ବର୍ତ୍ତମାନ କର୍ପୋରେଟର ଦ୍ୱନ୍ଦ୍ୱରେ ରହିଛନ୍ତି। ଅନ୍ୟପଟେ ମୌସୁମୀ ବର୍ଷାକୁ ନେଇ ବିଏମସି ପକ୍ଷରୁ ପ୍ରସ୍ତୁତି କରାଯାଇଥିଲେ ମଧ୍ୟ ବହୁ କର୍ପୋରେଟର ୱାର୍ଡର ସମସ୍ୟା ଉପସ୍ଥାପନ କରିପାରୁ ନାହାନ୍ତି। ଏଥିସହ ସହରରେ ହେବାକୁ ଥିବା ବହୁ ଉନ୍ନୟନ ମୂଳକ କାର୍ଯ୍ୟ ହେବାକୁ ଥିବା ବେଳେ ବୈଠକ ନ ହେବା କାରଣରୁ ତାହା କାର୍ଯ୍ୟରେ ରୂପାନ୍ତରିତ ହୋଇପାରୁ ନ ଥିବା ମତ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ମାସରେ କାଉନସିଲ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନିଗମ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷର ବଜେଟ ଆଗତ ହୋଇଥିଲା। ବୈଠକରେ କର୍ପୋରେଟରମାନେ ସହରରେ ଉନ୍ନୟନ କାର୍ଯ୍ୟ ପାଇଁ ଦାବି ଉପସ୍ଥାପନ କରିଥିଲେ। ଏଥିସହ ବିଭିନ୍ନ ସମସ୍ୟା ସଂପର୍କରେ ଅଭିଯୋଗ ରଖିଥିଲେ। କିନ୍ତୁ ମାର୍ଚ୍ଚ ମାସ ପରଠାରୁ କାଉନସିଲ ବୈଠକ ହୋଇପାରି ନାହିଁ। ଅନ୍ୟପଟେ ଚଳିତ ମାସ ଶେଷରେ କାଉନସିଲ ବୈଠକ ହେବା ନେଇ ଚର୍ଚ୍ଚା ହୋଇଥିଲା। ବୈଠକରେ ନୂତନ ଏମପି, ବିଧାୟକଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିସହ କର୍ପୋରେଟରମାନେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପ୍ରସ୍ତାବ ଓ ସମସ୍ୟାଗୁଡ଼ିକୁ ବୈଠକରେ ଉପସ୍ଥାପନ କରିବେ ବୋଲି କର୍ପୋରେଟରମାନେ ନିଷ୍ପତ୍ତି କରିଥିଲେ। କିନ୍ତୁ ବୈଠକ ନ ହେବା କାରଣରୁ କର୍ପୋରେଟରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଣୁ ପ୍ରତି ମାସରେ କାଉନସିଲ ବୈଠକ ହେବା ନେଇ ବହୁ କର୍ପୋରେଟର ଦାବି କରିଛନ୍ତି। ଅନ୍ୟପଟେ ନବ ନିର୍ବାଚିତ ମନ୍ତ୍ରୀ, ଏମପି ଓ ବିଧାୟକଙ୍କ ବୈଠକରେ ଉପସ୍ଥିତି ବେଶ ସରଗରମ ହେବ ବୋଲି ଚର୍ଚ୍ଚା ହେଉଛି।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ପାଠଚକ୍ର



କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବ୍ରହ୍ମପୁର,୨୯।୬
(ସ୍ୱାଧୀନ ଶେଖର ପାଢ଼ୀ)

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। 'ଶାସ୍ତ୍ରୀୟ ଓଡ଼ିଆ ଭାଷାର ଉତ୍ସ' ଶୀର୍ଷକ ପାଠଚକ୍ରରେ ବିଭାଗୀୟ ମୁଖ୍ୟ ଡ଼. ବିଦ୍ୟୁତ ପ୍ରଭା ସାହୁ ସଭାପତିତ୍ୱ କରିଥିଲେ। ଶାସ୍ତ୍ରୀୟ ଭାଷା ଓ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ବିଷୟ ବିଶାରଦ ଭାବେ ଯୋଗଦେଇ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଓ ଶାସ୍ତ୍ରୀୟ ଉତ୍ସ ସମ୍ପର୍କରେ ତଥ୍ୟ ରଖିଥିଲେ। ଏହି ଅବସରରେ ପ୍ରଫେସର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ଼. ବିଦ୍ୟୁତ ପ୍ରଭାଙ୍କ ରଚିତ 'କବି ରାଜେନ୍ଦ୍ର ପ୍ରସାଦ ପଣ୍ଡା ଓ ଅନ୍ୟାନ୍ୟ' ପୁସ୍ତକଟି ଉନ୍ମୋଚିତ ହୋଇଛି। ଆଞ୍ଚଳିକ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଡ଼. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଅଧ୍ୟାପିକା ଡ଼ ଉଷାରଣୀ ରଥ, ଡ଼. ମନୋରଞ୍ଜନ ବିଷୋୟୀ, ଡ଼ ବନମାଳୀ ପାଣିଗ୍ରାହୀ, ସୁଶ୍ରୀ ସ୍ୱର୍ଣ୍ଣଲତା ବିଷୋୟୀଙ୍କ ସହ ବିଭାଗୀୟ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଭଉଣୀ ସମେତ ୪ ଗିରଫ

ଚିକିଟି,୨୯।୬(ପ୍ରକାଶ ଚନ୍ଦ୍ର ସାହୁ):

ଗଞ୍ଜାମ ଜିଲା କେ.ନୂଆଗାଁ ଥାନା କରବାଲୁଆ ଗ୍ରାମରେ ଧାର ଟଙ୍କାକୁ କେନ୍ଦ୍ର କରି ଭାଇଙ୍କୁ ହତ୍ୟା କରିବା ଅଭିଯୋଗରେ ଶନିବାର କେ.ନୂଆଗାଁ ପୋଲିସ ଭଉଣୀ ସମେତ ୪ ଜଣଙ୍କୁ ଗିରଫ କରି ପାତ୍ରପୁର କୋର୍ଟ ଚାଲାଣ କରିଛି। ଗିରଫମାନେ ହେଲେ କରବାଲୁଆ ଗ୍ରାମର ରାମହରି ବେହେରା (୨୪), କୁନି ବେହେରା(୪୫), ସନ୍ତୋସି ବେହେରା (୨୮), ରତ୍ନାକର ବେହେରା (୩୨), ବୃନ୍ଦାବତୀ ବେହେରା (୨୬)। ସୂଚନାଯୋଗ୍ୟ, ଉକ୍ତ ଗ୍ରାମରେ ଉଡ୍ଡୁରାଶି ବେହେରା ତାଙ୍କ ଭଉଣୀ କୁନି ବେହେରାଙ୍କ ଠାରୁ କିଛି ଦିନ ତଳେ ୧୦ ହଜାର ଟଙ୍କା ଧାର ଆଣିଥିଲେ। ସେହି ଟଙ୍କା ନ ଫେରାଇବା ଯୋଗୁଁ ଉଭୟ ଭାଇ ଭଉଣୀଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା। ଗତ ୨୫ ତାରିଖ ରାତି ୮ଟାରେ ଉଡ୍ଡୁରାଶି

### ଧାର ଟଙ୍କା ପାଇଁ ଭାଇଙ୍କୁ ହତ୍ୟା ଘଟଣା



ବାରଣ୍ଡାରେ ବସିଥିବା ବେଳେ କୁନି ଏବଂ ଅନ୍ୟମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଉଡ୍ଡୁରାଶିଙ୍କୁ ଗୁରୁତର ଅବସ୍ଥାରେ ଚିକିଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଶୁକ୍ରବାର ମୃତ୍ୟୁବରଣ କରିଥିଲେ। ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଦାହ କରିବା ପରିବର୍ତ୍ତେ ଗ୍ରାମବାସୀ ଏକଜୁଟ ହୋଇ ଆକ୍ରମଣକାରିଙ୍କୁ ଗିରଫ ଦାବିରେ ଜିଦ୍ ଧରି ବସିଥିଲେ। ଉଡ୍ଡୁରାଶିଙ୍କ ସ୍ତ୍ରୀ କୁନି ବେହେରା ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ୪ ଜଣଙ୍କୁ ଗିରଫ କରିଥିଲା।

## ବନ୍ଥପଲି ପଞ୍ଚାୟତରେ ଅଭିଯୋଗ ଶୁଣିଲେ ବିଧାୟକ

ବ୍ରହ୍ମପୁର,୨୯।୬(ସୁବାସ ଚନ୍ଦ୍ର ପାଢ଼ୀ)

ପ୍ରତିଦିନ ଗାଁ ଗାଁ ବୁଲୁଛନ୍ତି ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ନୂଆ ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର। ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ମୌଳିକ ସମସ୍ୟା ସହ ବ୍ୟକ୍ତିଗତ ସମସ୍ୟାର ଅଭିଯୋଗ ଶୁଣୁଛନ୍ତି। ଶନିବାର ସେ କୁକୁଡାଖଣ୍ଡି ବ୍ଲକର ବନ୍ଥପଲି ପଞ୍ଚାୟତର ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ନିର୍ବାଚନ ସମୟରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହାକୁ ପାଳନ କରିଥିବା ସେ କହିଛନ୍ତି। ୧୦୦ ଅଭିଯୋଗ ଶୁଣିବା ପରେ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ସେହିପରି ଆବାସ ଯୋଜନା ଗରିବଙ୍କ ଠାରେ ପହଞ୍ଚାଇବାକୁ ସ୍ଥିର କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ରୋହିଗାଁ ପୂର୍ବତନ ସରପଞ୍ଚ ସନାତନ ସଂଗ୍ରାମ ସିଂ, ବାଘଲଟି ସମିତିସଭ୍ୟ ପ୍ରସାଦ ଗୌଡ଼, ବନ୍ଥପଲି ସରପଞ୍ଚ କାମିନୀ ନାୟକ, ସମିତିସଭ୍ୟଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ ।

## ଗ୍ରାମାଞ୍ଚଳ ଲୋକଙ୍କ ସମସ୍ୟା ସମାଧାନ କର: ପରିବହନ ମନ୍ତ୍ରୀ

ବ୍ରହ୍ମପୁର/ଗୋପାଳପୁର, ୨୯।୬
(ନରସିଂହ ସାହୁ/ ନବୀନରାଜ ଆଚାରୀ):

ଗ୍ରାମାଞ୍ଚଳ ଲୋକଙ୍କ ମୌଳିକ ସମସ୍ୟାର ତ୍ୱରିତ ସମାଧାନ କରିବାକୁ ଖଣି, ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଜିଲା, ବ୍ଲକ ଓ ସ୍ୱାସ୍ଥ୍ୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଦାୟିତ୍ୱରେ ଅବହେଳା ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ କରାଯିବାର ଚେତାବନୀ ଶୁଣାଇଛନ୍ତି। ମନ୍ତ୍ରୀ ହେବା ପରେ ଦ୍ୱିତୀୟ ଥର ନିଜ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଙ୍ଗେଇଲୁଣ୍ଡା ବ୍ଲକର ୩୨ ପଞ୍ଚାୟତ ବୁଲିଥିଲେ। ୩ ଦିନିଆ ଗସ୍ତ ସାରି ଭୁବନେଶ୍ୱର ଫେରିବା ବାଟରେ ବ୍ରହ୍ମପୁରରେ ଏହି ସୂଚନା ଦେଇଛନ୍ତି। ପଞ୍ଚାୟତରେ ଲୋକଙ୍କ ମୌଖିକ ଅଭିଯୋଗ ଶୁଣି ଘଟଣାସ୍ଥଳରୁ ବିଭିନ୍ନ ସରକାରୀ ଅଧିକାରୀଙ୍କୁ ସମସ୍ୟା ସମାଧାନ ପାଇଁ ଫୋନରେ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ନିଜ ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତରେ ପରିଣତ କରିବାକୁ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ପରାମର୍ଶ ଦେଇଥିଲେ। ଶନିବାର ଡୁରା, କରାପଲ୍ଲୀ, ନାରାୟଣପୁର,ବଙ୍କିପଲ୍ଲୀ, ଗୋପାଳପୁର ସମେତ ବଡ କୁଶସ୍ଥଳୀ, ଲୁହାଝର ପଞ୍ଚାୟତ ପରିଦର୍ଶନରେ ଯାଇ ଲୋକଙ୍କ ଅଭିଯୋଗ ଶୁଣିବା ସହ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଜିଲା ଉପସଭାପତି ଗଙ୍ଗାଧର ଶତପଥୀ, ଜିଲା ଭାଜପା ପଛୁଆ ବର୍ଗର ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁନୀଲ ପାତ୍ର, କରାପଲ୍ଲୀ ମଣ୍ଡଳ ସଭାପତି ଡ଼. ପ୍ରଦୀପ ପଟ୍ଟନାୟକ, ଡୁଲୁ ମଣ୍ଡଳ ସଭାପତି ଜଗମୋହନ ନାୟକ, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସୋମନାଥ ପାତ୍ର, ଜି ଖୁରମା, ତୁତୁନୁ ପାତ୍ର, ଯୁବା ପଣ୍ଡା ଉପସ୍ଥିତ ଥିଲେ।

# ସପ୍ତଠାକୁରାଣୀଙ୍କ ଅନ୍ତିମ ଘଟ ପରିକ୍ରମା

ଆସିକା ୨୯।୬ (ସୁରେନ୍ଦ୍ର ନାଥ ସାହୁ):

ଆସିକା ସହରର ଲାଲାଗୋର୍ଜି ଛକଠାରେ ଗତ ୧୮ରୁ ଆରମ୍ଭ ହୋଇଥିବା ମା' ଫୁଲକେଶିନୀ ଠାକୁରାଣୀଙ୍କ ତ୍ରୈବାର୍ଷିକ ଯାତ୍ରା ଦ୍ୱାଦଶ ଦିବସରେ ପହଞ୍ଚଛ । ଶନିବାର ଅନ୍ତିମ ଦିବସରେ ସପ୍ତ ଠାକୁରାଣୀଙ୍କ ଘଟ ସମଗ୍ର ସହରରେ ପରିକ୍ରମା କରିଛି । ଗତ ଶନିବାରଠାରୁ ୫ଦିନ ଧରି ଦେବୀଙ୍କ ବିଭିନ୍ନ ଜୋନ୍‌ରେ ଘଟ ପରିକ୍ରମା ପରେ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଠାକୁରାଣୀ ବିଶ୍ରାମରେ ଥିଲେ । ଶନିବାର ପୂର୍ବ ବିଧି ମୁତାବକ ସକାଳୁ ଅସ୍ଥାୟୀ ମଣ୍ଡପରେ ପୂଜାର୍ଚ୍ଚନା ଓ ଯଜ୍ଞମଣ୍ଡପରେ ଘୃତଯଜ୍ଞ ସମାପନ ହୋଇଥିଲା। ରାତ୍ର ୮ଟା ବେଳେ ସନ୍ଧ୍ୟା ଆଳତୀ ଓ ଘୃତଯଜ୍ଞ ସରିବା ପରେ ବାଦ୍ୟ ବାଜଣା ପଟୁଆର ସହ ବିପୁଳ ଜନସମାଗମରେ ସପ୍ତଠାକୁରାଣୀଙ୍କ ଘଟ ଲାଲାଗୋର୍ଜ ଛକରୁ ବାହାରି ବଜରା ବିଭିନ୍ନ ସାହି ପରିକ୍ରମା ପରେ ଅସ୍ଥାୟୀ ମଣ୍ଡପକୁ ଫେରିଥିଲେ । ରବିବାର ଘୃତଯଜ୍ଞର ପୂର୍ଣ୍ଣାହୁତି ପରେ ଅପରାହ୍ନରେ ସପ୍ତ ଠାକୁରାଣୀଙ୍କୁ ବିଧି ମୁତାବକ ବିଭିନ୍ନ ଭାର ସମ୍ଭାର ସହ ସ୍ୱପୀଠକୁ ପ୍ରତ୍ୟାବର୍ତ୍ତନର ବ୍ୟବସ୍ଥା ରହିଛି।

ସୂଚନାଯୋଗ୍ୟ ଗତ ୨୦୧୨ରୁ ଓଡିଆ ସାହିରେ ବିଜେ ମା' ଫୁଲେକଶନୀ ଠାକୁରାଣୀଙ୍କ ଏହି ତ୍ରୈବାର୍ଷିକ ଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରାରେ ମା ଫୁଲକେଶନୀଙ୍କ ସମେତ ଆସିକାର ଆରାଧ୍ୟ ଦେବା ମା ଖମ୍ଭେଶ୍ୱରୀ, ମା କାଳିମୁଖୀ, ମା ବୁଢ଼ୀଠାକୁରାଣୀ, ମା ମାଣିକେଶ୍ୱରୀ, ମା ଗ୍ରାମଦେବତୀ ଓ ମା ବିମଳାଙ୍କୁ ଆବାହନ ପୂର୍ବକ ଅସ୍ଥାୟୀ ମଣ୍ଡପରେ ବିଜେ କରି ପୂଜାର୍ଚ୍ଚନା ଚାଲିଛି । ଯାତ୍ରା ପରିଚାଳନା କମିଟିର ସଭାପତି ପି. ଶିବଶଙ୍କର ପାତ୍ର, ଉପଦେଷ୍ଟା ସତ୍ୟନାରାୟଣ ରଥ, ମନୋଜ କୁମାର ମୁନି, ଉପସଭାପତି ତାରିଣୀ ସେନାପତୀ, ସମ୍ପାଦକ ରବିନ୍ଦ୍ରନାଥ ପୋଲାଇ, କୋଷାଧ୍ୟକ୍ଷ ଗିରି ଆଚାରୀଙ୍କ ସମେତ ବିଭିନ୍ନ ଜୋନର ପରିଚାଳନାରେ ରହିଥିବା ସଦସ୍ୟଙ୍କ ସହଯୋଗରେ ଏହି ଯାତ୍ରା ଉତ୍ସବ ମୁଖରିତ ହୋଇଥିଲା। ଆସିକା ଏସ୍‌ଡିପିଓ ସଂଜୟ କୁମାର ମହାପାତ୍ର, ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିଲା ।

### ମା' ଫୁଲକେଶନୀଙ୍କ ତ୍ରୈବାର୍ଷିକ ଯାତ୍ରା



